ଆଜି - ଶୁକ୍ରବାର
ତାରିଖ - ୧୪ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୯
ତିଥି - ଦ୍ୱିତୀୟା ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୂ. ଫାଲ୍‌ଗୁନୀ, ସିଂହ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୦ : ୦୦
ସୂର୍ଯ୍ୟାସ୍ତ - ୬ : ୧୩: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


> "ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ । କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବାକୁ ନିଷ୍ପତି ନେବା ହିଁ ଶକ୍ତି । "
>
> - ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 122 R.N.I. REGD. No. 44026/86 ବାଲେଶ୍ୱର ୧୪ ଅଗଷ୍ଟ ୨୦୨୬ ଶୁକ୍ରବାର BALASORE 14 AUGUST 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦







## ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (୧୩ ଅଗଷ୍ଟ, ୨୦୨୬) ନୂଆଦିଲ୍ଲୀରେ ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ବିଶିଷ୍ଟ କଳାକାରମାନଙ୍କୁ ସଙ୍ଗୀତ ନାଟକ ଏକାଡେମୀ ଫେଲୋସିପ୍ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଆଜି ସମ୍ମାନିତ କଳାକାରମାନେ ମିଳିତ ଭାବରେ ଭାରତର ଏକ ସାଂସ୍କୃତିକ ମାନଚିତ୍ର ଉପସ୍ଥାପନ କରୁଛନ୍ତି - ଏହି ମାଟିର ମୂଳ କାହାଣୀ ଏବଂ ଗୀତରେ ବୁଣାଯାଇଥିବା ଏକ ମାନଚିତ୍ର; ଏହି ବିବିଧ ଭୂମିର ନୃତ୍ୟ ଏବଂ ପର୍ବଗୁଡ଼ିକୁ ଘେରି ରହିଥିବା ଏବଂ ଶତାବ୍ଦୀ ଧରି ଗଠିତ ଏହାର ଭାଷା ଏବଂ ଉପଭାଷାର ସ୍ମୃତିକୁ ଧରି ରହିଥିବା ଏକ ମାନଚିତ୍ର । ରାଷ୍ଟ୍ରପତି କହିଥିଲେ ଯେ ଆମର ସଂଗୀତ ପରମ୍ପରା, ନୃତ୍ୟ ଶୈଳୀ ଏବଂ ଲୋକ ନାଟ୍ୟର ଅଗଣିତ ରୂପ ରହିଛି । ଭାରତୀୟ ସଂସ୍କୃତି ଏହି ଭୂମିରେ ଗଭୀର ଭାବରେ ମୂଳ । ଏହାର ବିବିଧ ରାନ୍ଧଣା ପରମ୍ପରା, ପୋଷାକ, ନୃତ୍ୟ ରୂପ ଏବଂ ସଙ୍ଗୀତ ସବୁ ପ୍ରକୃତି ଦ୍ୱାରା ଅନୁପ୍ରାଣିତ । କଳାକାରମାନେ ସେମାନଙ୍କର ନୃତ୍ୟ ଏବଂ ସଙ୍ଗୀତ ପ୍ରଦର୍ଶନ କରିବା ପାଇଁ ପକ୍ଷୀମାନଙ୍କର କିଚିରିମିଚିରି, ଝରଣା, ଗଛ ଏବଂ ପତ୍ର, ମେଘ ଏବଂ ନଦୀରୁ ପ୍ରେରଣା ପାଆନ୍ତି । ବିବିଧତା ଏବଂ ଏକତା ମଧ୍ୟରେ ଏହି ବନ୍ଧନ ଆମ କଳାର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ । ରାଷ୍ଟ୍ରପତି କହିଥିଲେ ଯେ ଗୁରୁ-ଶିଷ୍ୟ ପରମ୍ପରା ଭାରତର ବିବିଧ କଳା ରୂପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗୁରୁ ଆମର କଳା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଭାବରେ କାର୍ଯ୍ୟ କରନ୍ତି । ଆଜିର ଦ୍ରୁତ ପରିବର୍ତ୍ତିତ ସମୟରେ, ଆମର ଅନେକ ଲୋକ କଳା ରୂପ ବିଲୁପ୍ତ ହେବାର ବିପଦର ସମ୍ମୁଖୀନ ହେଉଛନ୍ତି । ଏପରି କଳା ରୂପଗୁଡ଼ିକୁ କେବଳ ଡକ୍ୟୁମେଣ୍ଟେସନ୍ କରିବା ନୁହେଁ ବରଂ ସେଗୁଡ଼ିକୁ ଜୀବିତ ରଖିବା ପାଇଁ ବିଶେଷ ପ୍ରୟାସ କରିବା ମଧ୍ୟ ଜରୁରୀ । ଏହି ଉଦ୍ଦେଶ୍ୟ ନେଇ ସଙ୍ଗୀତ ନାଟକ ଏକାଡେମୀ 'କଳା-ଦୀକ୍ଷା' କାର୍ଯ୍ୟକ୍ରମ ଆୟୋଜନ କରୁଥିବାରୁ ସେ ଖୁସି ହୋଇଥିଲେ । ସେ ବରିଷ୍ଠ କଳାକାରମାନଙ୍କୁ ଆଗାମୀ ପିଢ଼ିକୁ ସୁସଜ୍ଜିତ କରିବା ପାଇଁ ବ୍ୟବସ୍ଥିତ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ ।

## ଶକ୍ତି ବିଭାଗର ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି । ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି । ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି । ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଂଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ରାଜ୍ୟବାସୀଙ୍କ ପାଇଁ ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ତଥା ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ୭୬୫ କେଭି ଗ୍ରୀଡ୍‌ର ଏକ ରିଙ୍ଗ୍ ସିଷ୍ଟମ୍ ସ୍ଥାପନ କରାଯାଉଛି ବୋଲି ବୈଠକରୁ ଜଣାଯାଇଛି । ଏହି ସିଷ୍ଟମ ପାଇଁ ଅନୁଗୋଳ ଓ ସୁନ୍ଦରଗଡ଼ରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ଼ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି । ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି । ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ । ସେହିଭଳି, ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି । ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, ଉନ୍ନୟନ କମିଶନର ଶ୍ରୀ ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ ଦେବ, ଜଟଜଡଖର ଉଗଡ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

- ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ ଘରେ ଘରେ ତ୍ରିରଙ୍ଗା ' ଅଭିଯାନରେ ସାମିଲ ହୋଇ ନିଜ ବାସଭବନରେ ତ୍ରିରଙ୍ଗା ଉଡାଇଛନ୍ତି, । ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସ ରେ ଏହାର ଫଟୋ ପୋଷ୍ଟ କରି ଜନ ସାଧାରଣଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।
- ସାପ କାମୁଡା ମୃତ୍ୟୁ ମୁକାବିଲା କରିବାରେ ସରକାର ସଫଳ ହୋଇଛନ୍ତି । ବିଶେଷ କରି ଚଳିତ ବନ୍ୟା ସମୟରେ ସାପ କାମୁଡା ମୃତ୍ୟୁକୁ ନେଇ ସଫଳ ମୁକାବିଲା କରାଯାଇଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।
- କନ୍ଦ୍ରୀୟ ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆସନ୍ତା ୧୬ ଅଗଷ୍ଟରେ କୋଲକାତା ପହଂଚିବେ ଏବଂ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ବଙ୍ଗାଳରେ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରିବେ ।

## ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ଅଧିକାରୀ ସମ୍ମିଳନୀରେ ଯୋଗଦେଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଉଦ୍ୟାନକୃଷି ଅଧିକାରୀଙ୍କୁ କଡା ତାଗିଦ୍ । ବାହାର ରାଜ୍ୟ ଗସ୍ତ କଲେ । ହେଲେ ସେଠାରୁ ଫେରି ସରକାରଙ୍କୁ ଦେଲେ ନାହିଁ ରିପୋର୍ଟ । କୃଷି ଅଧିକାରୀଙ୍କ ବାହାର ରାଜ୍ୟ ଓ ବିଦେଶ ଗସ୍ତକୁ ନେଇ ତାଗିଦ୍ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଅଧିକାରୀଙ୍କ ଉପରେ ବର୍ଷିଲେ ଏବଂ ଉପମୁଖ୍ୟମନ୍ତ୍ରୀ କହିଲେ- ସରକାର ରବର ଷ୍ଟାମ୍ପ ନୁହଁନ୍ତି, ମୁଁ ରବର ଷ୍ଟାମ୍ପ ନୁହେଁ । ମୋତେ ଫୁଲତୋଡ଼ା ନୁହେଁ ରିପୋର୍ଟ ଦରକାର । ବାହାର ରାଜ୍ୟ ଗସ୍ତର ୭ ଦିନ ମଧ୍ୟରେ ଦେବାକୁ ପଡ଼ିବ ରିପୋର୍ଟ । ସରାକରଙ୍କ ପାଖକୁ ରିପୋର୍ଟ ଆସୁ ନଥିବାରୁ ଉଦବେଗ ପ୍ରକାଶ କଲେ ଉପମୁଖ୍ୟମନ୍ତ୍ରୀ । ଭୁବନେଶ୍ୱର କୃଷି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଉଦ୍ୟାନ କୃଷି ଅଧିକାରୀ ସମ୍ମିଳନୀରେ ସେ ଅଧିକାରୀମାନଙ୍କୁ କାମର ହିସାବ ମାଗିଛନ୍ତି । ସରକାରୀ ଖର୍ଚ୍ଚରେ ବିଦେଶ କିମ୍ବା ଅନ୍ୟ ରାଜ୍ୟକୁ ଗସ୍ତ କରିଥିବା ଅଧିକାରୀମାନେ କ'ଣ ଶିଖିଲେ, କ'ଣ ଦେଖିଲେ ଏବଂ ତାହା ଓଡ଼ିଶାରେ କିପରି ପ୍ରୟୋଗ କରିବେ, ସେନେଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବେ । ଗସ୍ତ ପରେ ରିପୋର୍ଟ ନଦେଇ ଚୁପ୍ ବସିଲେ ଆଉ ଚଳିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଉପମୁଖ୍ୟମନ୍ତ୍ରୀ ପୁଣି ପ୍ରଶ୍ନ କରିଛନ୍ତି, "ଆମୋଦ ପ୍ରମୋଦ ପାଇଁ କ'ଣ ବାହାର ରାଜ୍ୟକୁ ଯାଉଛନ୍ତି ଯଦି ଯାଉଛନ୍ତି, ତେବେ ରାଜ୍ୟରେ ଏହାର ପ୍ରତିଫଳନ କାହିଁକି ଦେଖାଯାଉନାହିଁ" ସରକାରୀ ଅର୍ଥରେ ହେଉଥିବା ପ୍ରତ୍ୟେକ ଗସ୍ତର ଖର୍ଚ୍ଚ ଓ ଫଳାଫଳର ହିସାବ ଦେବାକୁ ସେ କହିଛନ୍ତି । କେବଳ ବାହାର ଗସ୍ତ ନୁହେଁ, ପ୍ରତି ମାସରେ କରାଯାଉଥିବା ଫିଲ୍ଡ ଗସ୍ତର ରିପୋର୍ଟ ମଧ୍ୟ ଦାଖଲ କରିବେ କୃଷି ଅଧିକାରୀ । ଏଥିରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି । ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ ସମୟରେ ଅଂଚଳର କୃଷି ସମସ୍ୟା, ଫିଲ୍ଡ ରିପୋର୍ଟ ଓ ତଥ୍ୟ ପ୍ରଦାନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ରାଜ୍ୟରେ ଶିଥିଳ ପଡ଼ିଥିବା ଶୀତଳ ଭଣ୍ଡାର ପ୍ରକଳ୍ପକୁ ନେଇ ମଧ୍ୟ ଉଦ୍ୟାନ କୃଷି ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ପ୍ରକଳ୍ପଗୁଡ଼ିକୁ ଗତି ଦେଇ କୃଷକଙ୍କ ପାଖରେ ଏହାର ଲାଭ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି ।

## ଭୁବନେଶ୍ୱରରେ ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସାଳୟର ଭିତିପ୍ରସ୍ତର ସ୍ଥାପନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତିକରଣ ଏବଂ ଫାର୍ମାସୀ ୱେୟରହାଉସ ଗୃହ ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ସ୍ଥାପନ କରାଯାଇଛି । ଏହି ଅବସରରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପଦକ୍ଷେପ ରାଜ୍ୟରେ ସରକାରୀ ଆୟୁର୍ବେଦ ଚିକିତ୍ସା ସେବାର ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ରୋଗୀମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ " ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନରେ ଆୟୁର୍ବେଦ ସମେତ ଭାରତର ପାରମ୍ପରିକ ଚିକିତ୍ସା ପଦ୍ଧତିଗୁଡ଼ିକର ସଂରକ୍ଷଣ, ପ୍ରୋତ୍ସାହନ ଓ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଉଛି । ଏହାକୁ ଆଗେଇ ନେଇ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକର ଗୁଣାତ୍ମକ ଉନ୍ନତି, ଆଧୁନିକୀକରଣ ଓ ଭିତିଭୂମି ସୁଦୃଢ଼ୀକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।" ଭୁବନେଶ୍ୱରର ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଉନ୍ନତିକରଣ ଦ୍ୱାରା ଚିକିତ୍ସା ସେବାର ଗୁଣବତା ବୃଦ୍ଧି ପାଇବା ସହ ରୋଗୀମାନଙ୍କ ପାଇଁ ଅଧିକ ସୁବିଧାଜନକ ଓ ରୋଗୀ-କେନ୍ଦ୍ରିକ ପରିବେଶ ସୃଷ୍ଟି ହେବ । ସେହିପରି ଫାର୍ମାସୀ ୱେୟରହାଉସ ଗୃହ ନିର୍ମାଣ ଦ୍ୱାରା ଔଷଧ ଓ ଆବଶ୍ୟକୀୟ ସାମଗ୍ରୀର ସୁସଂଗଠିତ ସଂରକ୍ଷଣ ଏବଂ ପରିଚାଳନାରେ ଉନ୍ନତି ଆସିବ ।

## ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ନକରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ



ଭୁବନେଶ୍ୱର/ନୂଆଦିଲ୍ଲୀ: ପୁଣି ସ୍ଥଗିତ ରହିଲା ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତି ଚୟନ । ଓଡ଼ିଶାର ପରବର୍ତ୍ତୀ ପୋଲିସ ମହାନିର୍ଦ୍ଦେଶକ ନିଯୁକ୍ତି ପ୍ରକ୍ରିୟା ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ । ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଅନୁଯାୟୀ, ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏହି ଚୟନ ପ୍ରକ୍ରିୟା ଘୁଂଚାଇ ଦିଆଯାଇଛି । ସେପର୍ଯ୍ୟନ୍ତ ରାଜ୍ୟ ସରକାର ଉଏଚ ନିଯୁକ୍ତି ନେଇ କୌଣସି ଚୂଡ଼ାନ୍ତ ନିଷ୍ପତି ନେଇପାରିବେ ନାହିଁ । DGP ନିଯୁକ୍ତି ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଡିଜିପି ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏବେ କୋର୍ଟଙ୍କ ଏହି ଆଦେଶ ପରେ ଏହା ଅଟକି ଯାଇଛି । ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଚୟନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନ ଉପରେ କୋର୍ଟ ଆଜି ଶୁଣାଣି କରିଥିଲେ । କୋର୍ଟ UPSC କୁ ଆଜି ହେବାକୁ ଥିବା ବୈଠକକୁ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ କହିଛନ୍ତି । ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାର ଉଲ୍ଲଂଘନ କରି ଡିଜିପି ଚୟନ ପ୍ରକ୍ରିୟା କରାଯାଉଥିବା ଦର୍ଶାଇ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲ । ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଭାରତର ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠ ଆଗରେ ଏ ନେଇ ଯୁକ୍ତି ଉପସ୍ଥାପନ । ଆଜି ଡିଜିପି ଚୂଡ଼ାନ୍ତ କରିବା ପାଇଁ UPSCର ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ଦର୍ଶାଇଥିଲେ । ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଜନସ୍ୱାର୍ଥ ମାମଲାର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଇଥିଲେ । ଏହାପରେ ଖଣ୍ଡପୀଠ ପ୍ରକାଶ ସିଂ ମାମଲାରେ ଆମିକସ କ୍ୟୁରି ଥିବା ବରିଷ୍ଠ ଆଇନଜୀବୀ ରାଜୁ ରାମଚନ୍ଦ୍ରନଙ୍କ ମତାମତ ଲୋଡ଼ିବା ପରେ ଟଟଝଉକୁ ବୈଠକ ସ୍ଥଗିତ ରଖିବାକୁ କହିଛନ୍ତି । ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହୋଇପାରେ, ଯେଉଁଥିରେ ସ୍ପଷ୍ଟ ହେବ ଯେ ଓଡ଼ିଶାକୁ କେବେ ମିଳିବେ ସ୍ଥାୟୀ ଡିଜିପି ।

## ସଂସଦର ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ, ଉଭୟ ସଦନରେ ୧୨ ବିଲ୍ ଗୃହୀତ



ଗତ ଜୁଲାଇ ୨୦ ତାରିଖ, ସୋମବାରରୁ ଆରମ୍ଭ ହୋଇଥିବା ସଂସଦର ୨୦୨୬ ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ତାରିଖ, ଗୁରୁବାରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରହିଛି । ୨୫ ଦିନର ଏହି ଅବଧି ମଧ୍ୟରେ ମୋଟ ୧୯ଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନ ସମୟରେ ଲୋକସଭାରେ ୧୧ଟି ବିଲ୍ ଏବଂ ରାଜ୍ୟସଭାରେ ୨ଟି ବିଲ୍ ଆଗତ କରାଯାଇଥିଲା । ଲୋକସଭାରେ ୧୨ଟି ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟସଭାରେ ମଧ୍ୟ ୧୨ଟି ବିଲ୍ ଗୃହୀତ ହୋଇଥିଲା । ଅଧିବେଶନ କାଳରେ ସଂସଦର ଉଭୟ ଗୃହ ଦ୍ୱାରା ୧୨ଟି ବିଲ୍ ଗୃହୀତ ହୋଇଥିଲା । ମୌସୁମୀ ଅଧିବେଶନ ପୂର୍ବରୁ ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି ଦୁଇଟି ଅଧ୍ୟାଦେଶ- 'ଉଚ୍ଚତମ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧ୍ୟାଦେଶ, ୨୦୨୬' ଏବଂ 'ଆୟକର (ସଂଶୋଧନ) ଅଧ୍ୟାଦେଶ, ୨୦୨୬' ର ପ୍ରାବଧାନଗୁଡ଼ିକୁ ସାମିଲ ଓ ବଦଳାଉଥିବା ଦୁଇଟି ବିଲ୍‌କୁ ଉଭୟ ଗୃହରେ ବିଚାର ସହ ଗୃହୀତ କରାଯାଇଛି । ୨୦୨୨-୨୩ ବର୍ଷ ପାଇଁ ଅତିରିକ୍ତ ଅନୁଦାନ ଦାବି କାର୍ଯ୍ୟକାରୀ କରାଯାଇଥିଲା ଏବଂ ଏହା ସହ ଜଡ଼ିତ ବିନିଯୋଗ ବିଲ୍‌କୁ ୪ ଅଗଷ୍ଟ ୨୦୨୬ ରେ ଲୋକସଭାରେ ଆଗତ, ବିଚାର ଓ ଗୃହୀତ କରାଯାଇଥିଲା ଏବଂ ୬ ଅଗଷ୍ଟ ୨୦୨୬ ରେ ରାଜ୍ୟସଭା ଦ୍ୱାରା ଏହାକୁ ଫେରସ୍ତ କରାଯାଇଥିଲା । ସେହିପରି ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬କୁ ପରୀକ୍ଷା ଏବଂ ରିପୋର୍ଟ ପ୍ରଦାନ ପାଇଁ ସଂସଦର ଯୁଗ୍ମ କମିଟିକୁ ପ୍ରେରଣ କରାଯାଇଥିଲା । ସାର୍ବଜନୀନ ପରୀକ୍ଷା ସମ୍ବନ୍ଧୀୟ ଛାତ୍ରଛାତ୍ରୀଙ୍କ ଚିନ୍ତାଗୁଡ଼ିକର ତୁରନ୍ତ ସମାଧାନ ପାଇଁ, ପରୀକ୍ଷା ପ୍ରଣାଳୀର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ନିମନ୍ତେ ଏକ ବଡ଼ ପଦକ୍ଷେପ ସ୍ୱରୂପ 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬'କୁ ୨୦୨୪ର ମୂଳ ଆଇନରେ ସଂଶୋଧନ କରିବା ପାଇଁ ଆଗତ କରାଯାଇଥିଲା । ଏହି ବିଲର ଲକ୍ଷ୍ୟ ହେଉଛି ଆଇନ ଅଧୀନରେ ହେଉଥିବା ଅପରାଧଗୁଡ଼ିକର ଦ୍ରୁତ ତଦନ୍ତ ଓ ସମୟସୀମା ମଧ୍ୟରେ ବିଚାର ନିଶ୍ଚିତ କରିବା; ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଂଚଳ ପ୍ରଶାସନଗୁଡ଼ିକୁ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ଚିହ୍ନଟ କରିବା ଓ ସ୍ୱତନ୍ତ୍ର ସରକାରୀ ପ୍ରୋସିକ୍ୟୁଟର (ସରକାରୀ ଓକିଲ) ନିଯୁକ୍ତ କରିବାକୁ କ୍ଷମତାର୍ପଣ କରିବା; ଦୁଇ ମାସ ମଧ୍ୟରେ ତଦନ୍ତ ଏବଂ ତିନି ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ କରିବା ବାଧ୍ୟତାମୂଳକ କରିବା; ଆବଶ୍ୟକ ସ୍ଥଳେ ତଦନ୍ତ ପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିବାକୁ କେନ୍ଦ୍ର ସରକାରଙ୍କୁ ସମର୍ଥ କରିବା; ଅପରାଧ ପାଇଁ ଦଣ୍ଡବିଧାନ ବୃଦ୍ଧି କରିବା; ଏବଂ ହାଇକୋର୍ଟର ଡିଭିଜନ ବେ* ସମ୍ମୁଖରେ ସମୟସୀମା ମଧ୍ୟରେ ଆବେଦନ (ଅପିଲ୍) କରିବାର ବ୍ୟବସ୍ଥା କରିବା ।

# ନୀତିନ ଗଡ଼କରୀଙ୍କ ସହ ବାଲେଶ୍ୱର ସାଂସଦଙ୍କ ଆଲୋଚନା

ବାଲେଶ୍ୱର(ନି.ପ୍ର) : ବାଲେଶ୍ୱର-ଖଡ଼ଗପୁର ଘଞ୍ଚ-୬୦ର ୧୨୦ କିଲୋମିଟର ରାସ୍ତାକୁ ବର୍ତମାନର ୪-ଲେନ୍‌ରୁ ୬-ଲେନ୍ ?କୁ ସମ୍ପ୍ରସାରଣ କରିବା ନେଇ ଦୀର୍ଘଦିନର ଜନଦାବି ସମ୍ପର୍କରେ ଆଜି ନୂଆଦିଲ୍ଲୀରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ମାନନୀୟ ଶ୍ରୀ ନୀତିନ ଗଡକରୀଙ୍କୁ ଭେଟି ଅବଗତ କରାଯାଇଛି ।ଗତ ଚାରି ବର୍ଷରୁ ଅଧିକ ସମୟ ଧରି ବାଲେଶ୍ୱର-ଖଡ଼ଗପୁର ରାସ୍ତାର କ୍ଷମତା ବୃଦ୍ଧି, ସଡ଼କ ସୁରକ୍ଷା ଓ ଅଂଚଳର ଆର୍ଥିକ ବିକାଶ ପାଇଁ ଏହି ଦାବି ଉପରେ ଦୃଷ୍ଟି ଆକର୍ଷଣ କରାଯାଇଆସୁଛି । ଭୁବନେଶ୍ୱର-କୋଲକାତା କରିଡରର ମୋଟ ଦୂରତା ପ୍ରାୟ ୪୬୫ କିଲୋମିଟର । ଏଥିରେ ଭୁବନେଶ୍ୱର-ବାଲେଶ୍ୱର ଘଞ୍ଚ-୧୬ର ପ୍ରାୟ ୨୧୦ କିଲୋମିଟର ଏବଂ ଖଡ଼ଗପୁର-କୋଲକାତା ଘଞ୍ଚ-୧୬ର ପ୍ରାୟ



୧୩୫ କିଲୋମିଟର ରାସ୍ତା ୬-ଲେନ୍ ରହିଛି । କିନ୍ତୁ ବାଲେଶ୍ୱର-ଖଡ଼ଗପୁର ଘଞ୍ଚ-୬୦ର ପ୍ରାୟ ୧୨୦ କିଲୋମିଟର ଅଂଶ ଏବେ ମଧ୍ୟ ୪-ଲେନ୍ ? ରହିଛି । ଫଳରେ ସମଗ୍ର କରିଡରର ଏହି ଅଂଶଟି ଏକ ପ୍ରମୁଖ 'ବଟଲନେକ୍' ଭାବେ ପରିଣତ ହେଉଛି ।ଏହାର ପ୍ରଭାବରେ ବିଭିନ୍ନ ସମୟରେ ଟ୍ରାଫିକ୍ ଜାମ୍, ଦୁର୍ଘଟଣା, ଯାତ୍ରା ସମୟ ବୃଦ୍ଧି ଓ ପରିବହନ ଖର୍ଚ୍ଚ ବଢ଼ିବା ଭଳି ସମସ୍ୟା ଦେଖାଦେଉଛି । ଏହା ସହିତ ପର୍ଯ୍ୟଟନ, ବାଣିଜ୍ୟ, ଶିଳ୍ପ ଓ ଅଂଚଳର ସାମଗ୍ରିକ ଆର୍ଥିକ ବିକାଶ ମଧ୍ୟ ପ୍ରଭାବିତ ହେଉଥିବା ଦର୍ଶାଯାଇଛି । ନିର୍ଦ୍ଧାରିତ ଟ୍ରାଫିକ୍ ? ମାନଦଣ୍ଡ ପୂରଣ ନ ହେବାର ଯୁକ୍ତି ଦିଆଯାଉଥିଲେ ମଧ୍ୟ, ଅପର୍ଯ୍ୟାପ୍ତ ସଡ଼କ କ୍ଷମତା ନିଜେ ଟ୍ରାଫିକ୍ ? ପ୍ରବାହକୁ ସୀମିତ କରୁଥିବା ଦାବି କରାଯାଇଛି । ତେଣୁ କେବଳ ବର୍ତମାନର ଟ୍ରାଫିକ୍ ? ତଥ୍ୟକୁ ନୁହେଁ, ଭବିଷ୍ୟତର ଯାତାୟାତ ଆବଶ୍ୟକତା ଓ ବୃହତର ଜନସ୍ୱାର୍ଥକୁ ବିଚାର କରିବାକୁ ଅନୁରୋଧ କରାଯାଇଛି ।ଏହି ପରିପ୍ରେକ୍ଷୀରେ ନିର୍ଦ୍ଧାରିତ ଟ୍ରାଫିକ୍ ? ମାନଦଣ୍ଡର ସର୍ତରେ ସ୍ୱତନ୍ତ୍ର ବିଚାର କରି ବାଲେଶ୍ୱର-ଖଡ଼ଗପୁର ଘଞ୍ଚ-୬୦ର ୧୨୦ କିଲୋମିଟର ଅଂଶକୁ ୪-ଲେନ୍ ?ରୁ ୬-ଲେନ୍ ?କୁ ସମ୍ପ୍ରସାରଣ ପାଇଁ ବିଶେଷ ମାମଲା ଭାବେ ଅନୁମୋଦନ କରିବାକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡକରୀଙ୍କୁ ଅନୁରୋଧ କରାଯାଇଛି । ଏହି ସମ୍ପ୍ରସାରଣ କାର୍ଯ୍ୟ ହେଲେ ବାଲେଶ୍ୱର-ଖଡ଼ଗପୁର ମଧ୍ୟରେ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ଓ ସୁରକ୍ଷିତ ହେବା ସହିତ ଯାତ୍ରା ସମୟ ଓ ପରିବହନ ଖର୍ଚ୍ଚ ହ୍ରାସ ପାଇବ । ଏହା ସହିତ ଭୁବନେଶ୍ୱର-କୋଲକାତା କରିଡରର ସମଗ୍ର ଯାତାୟାତ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ଏବଂ ଉତର ଓଡ଼ିଶା ସମେତ ସମଗ୍ର ଅଂଚଳର ସାମାଜିକ-ଆର୍ଥିକ ବିକାଶକୁ ଗତି ମିଳିବ ବୋଲି ଆଶା ପ୍ରକାଶ କରାଯାଇଛି ।

# ବାଲେଶ୍ୱରରେ 'ହର ଘର ତ୍ରିରଙ୍ଗା' ସ୍କୁଟର ରାଲି

ବାଲେଶ୍ୱର(ନି.ପ୍ର.): ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଲେଶ୍ୱର ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ 'ହର ଘର ତ୍ରିରଙ୍ଗା' ସ୍କୁଟର ରାଲି ଆୟୋଜିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏହି ରାଲି ଅନୁଷ୍ଠିତ ହୋଇଥିଲା । ବାରବାଟୀ ବାଳିକା ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ସ୍କୁଟି ଶୋଭାଯାତ୍ରା ବାଲେଶ୍ୱର ନଗର ପରିକ୍ରମା କରି ଗାନ୍ଧୀ ସ୍ମୃତି ଭବନ ନିକଟରେ ଶେଷ ହୋଇଥିଲା । ଶୋଭାଯାତ୍ରାରେ ଶତାଧିକ ମହିଳା ତ୍ରିରଙ୍ଗା ପତାକା ଧରି ଦେଶପ୍ରେମ ଓ ଜାତୀୟ ଏକତାର



ବାର୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଚନ୍ଦ୍ରଶେଖର ନନ୍ଦ ଏବଂ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ମହିଳା ମୋର୍ଚ୍ଚାର ପଦାଧିକାରୀ, ବିଭିନ୍ନ ମଣ୍ଡଳର ପଦାଧିକାରୀ ଓ ବାଲେଶ୍ୱର ଜିଲ୍ଲାର ବହୁ ସଂଖ୍ୟକ ମହିଳା କର୍ମକର୍ତା ଓ ସମର୍ଥକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇବା ସହ ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବାର ବାର୍ତା ନେଇ ଏହି ରାଲି ଆୟୋଜିତ ହୋଇଥିଲା ।

# ବାଲେଶ୍ୱରରେ ଦିବଙ୍ଗତ ବିଧାୟକ ମଦନ ମୋହନ ଦତଙ୍କ ୬୯ତମ ଜୟନ୍ତୀ ପାଳିତ

ବାଲେଶ୍ୱର(ନି.ପ୍ର.)ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା ସଭାପତି ତଥା ସଦର ନିର୍ବାଚନମଣ୍ଡଳୀର ଦିବଂଗତ ବିଧାୟକ ମଦନ ମୋହନ ଦତ (ମଙ୍ଗୁ ଭାଇ)ଙ୍କ ୬୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ସହରର ଓଟି ରୋଡ଼ର ଶୋଭାରାମପୁର ଛକରେ ସ୍ଥାପିତ ସ୍ୱର୍ଗତଃ ଦତଙ୍କ ପ୍ରତିମୂର୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ସଦର ବିଧାୟକ ତଥା ସ୍ୱର୍ଗତଃ ଦତଙ୍କ ସୁପୁତ୍ର ମାନସ କୁମାର ଦତ ପିତାଙ୍କ ପ୍ରତିମୂର୍ତିରେ ପ୍ରଥମେ ମାଲ୍ୟାର୍ପଣ କରି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତଃ ଦତଙ୍କ ଭଳି ଜଣେ ଅଦ୍ୱିତୀୟ ନେତା ଜନସେବା ପାଇଁ ଯେଉଁ ପ୍ରକାର ମାର୍ଗ ଦର୍ଶନ କରିଯାଇଛନ୍ତି ତାହା ସମସ୍ତଙ୍କ



ପାଇଁ ସଦା ସର୍ବଦା ପ୍ରେରଣାଦାୟୀ ହୋଇ ରହିଛି । ସମାଜପ୍ରତି ତାଙ୍କର ବଳିଷ୍ଠ ଅବଦାନକୁ ଚିରକାଳ ଅମର ରଖିବା ପାଇଁ ତାଙ୍କୁ ଭଲ ପାଉଥିବା ବ୍ୟକ୍ତିମାନେ ସର୍ବଦା ସେବା ଓ ସମର୍ପଣ କାର୍ଯ୍ୟକ୍ରମ ଜାରି ରଖିବାକୁ ବିଧାୟକ ମାନସ ଦତ ଆହ୍ୱାନ ଦେଇଥିଲେ । ମଙ୍ଗୁ ଭାଇ ସ୍ମୃତି କମିଟିର ସଦସ୍ୟ ବୃନ୍ଦ ମଙ୍ଗୁଭାଇଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜଣେ ରାଷ୍ଟ୍ରହିତୈଷୀ, କର୍ମଠ, ଓ ଦରଦୀ ମଣିଷ ଭାବେ ପରିଚିତ ସ୍ୱର୍ଗତ ମଙ୍ଗୁଭାଇ ଜୀବନ ତମାମ ବିପଦରେ ପଡିଥିବା ଗରିବଙ୍କ ସାହାଯ୍ୟ ପାଇଁ ଆଗେଇ ଆସୁଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ତୃଣମୂଳସ୍ତରରେ ଥିବା ଗରିବଙ୍କ ସେବାରେ ନିୟୋଜିତ ହେବାକୁ ସେମାନେ ପରାମର୍ଶ ଦେଇଥିଲେ । ପରେ ସ୍ମୃତି କମିଟି ସଦସ୍ୟ ସଦସ୍ୟାମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ ।

# ରାଜ୍ୟ କନିଷ୍ଠ ଦୌଡ଼କୁଦରେ ଜିଲ୍ଲା କ୍ରୀଡାବିତ୍‌ଙ୍କ ସଫଳତା

ବାଲେଶ୍ୱର(ନି.ପ୍ର.) ମୟୁରଭଞ୍ଜ ଜିଲ୍ଲା ରାଇରଗଂପୁର ଠାରେ ହୋଇଥିବା ୭୨ତମ ରାଜ୍ୟ ସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଅଗଷ୍ଟ ୭ରୁ ୯ତାରିଖ ମଧ୍ୟରେ ହୋଇଥଲା । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ୧୫ ଜଣ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ । ୧୮ ବର୍ଷ ରୁ କମ୍ ବାଳକ ବିଭାଗ ଜାଭେଲିନ ଥ୍ରୋ ରେ ସତ୍ୟରଂଜନ ନାୟକ ପ୍ରଥମ ସ୍ଥାନ ଅଧୀକାର କରିବା ସହିତ ୬୧.୫୭ ମିଟର ଦୁରକୁ ଥ୍ର କରି ନୂତନ ରାଜ୍ୟ ରେକଡ ସୃଷ୍ଟି କରିଥିଲେ ଏବଂ ସେ ଜାତୀୟ ଯୁବ କ୍ରୀଡା ପ୍ରତୀଯୋଗୀତା ପାଇଁ ମନୋନୀତ ହୋଇଛନ୍ତି ଓ ଦେବସ୍ତୁତି ଦାସ ତୃତୀୟ ସ୍ଥାନ ଅଧୀକାର କରିଥିଲେ । ଲଗଂ ଜମ୍ପରେ ୧୮ ବର୍ଷ ରୁ କମ୍ ବାଳକ ବିଭାଗ ରେ ରୋହନ କୁମାର ଦାସ ଦ୍ୱିତିୟ ସ୍ଥାନ କରି ଜାତୀୟ ଯୁବ କ୍ରୀଡା ପ୍ରତୀଯୋଗୀତା ପାଇଁ ମନୋନୀତ ହୋଇଛନ୍ତି । ୧୦୦ ଏବଂ ୨୦୦ ମିଟର ଉଭୟ ଦୌଡ ପ୍ରତୀଯୋତୀତା ବାଳିକା ବିଭାଗ ରେ ସୁକନ୍ୟା କର ତୃତୀୟ ସ୍ଥାନ ଓ ୬୦ ମିଟର ବାଧା ଦୌଡ ୧୬ ବର୍ଷ ରୁ କମ କାଳିକା ବିଭାଗରେ ସନାକ୍ଷି ସାମଲ ତୃତୀୟ ସ୍ଥାନ ଓ ପେଟଂଥେଲନରେ ବର୍ଷା ତରେଇ ତୃତୀୟ ସ୍ଥାନ ଏନଂ ୧୪ ବର୍ଷ ରୁ କମ ବାଳିକା ବିଭାଗ ଜାଭେଲିନ ଥ୍ରୋ ରେ ମଧୁସ୍ମିତ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଖେଳାଳୀ ମାନେ ମୋଟ ୮ ଟି ପଦକ ହାସଲ କରିଥିଲେ । ଏହି ସଫଂଳତା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଓ ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା ସହିତ ସମସ୍ତ ସଭ୍ୟ ମାନେ ଖେଳାଳୀ ମାନଙ୍କୁ ଅଭିନନ୍ଦନ ଦେବା ସହିତ କ୍ରୀଡ କ୍ଷେତ୍ରରେ ତାଙ୍କର ଉନ୍ନତି କାମନା କରିଛନ୍ତି ।

# ବାଲେଶ୍ୱର ବାର ପକ୍ଷରୁ କଲମଛାଡ଼ ଆନ୍ଦୋଳନ

ବାଲେଶ୍ୱର(ନି.ପ୍ର.): ଜଳେଶ୍ୱରରେ ଆଇନଜୀବୀ ସିଦ୍ଧାର୍ଥ କୁମାର ଦାସଙ୍କ ଉପରେ ଆକ୍ରମଣ ଘଟଣାକୁ ବାଲେଶ୍ୱର ସିଭିଲ୍ ସୋସାଇଟି ଦୃଢ଼ ନିନ୍ଦା କରିଛି । କାର୍ଯ୍ୟରତ ଜଣେ ଆଇନଜୀବୀଙ୍କୁ ପ୍ରକାଶ୍ୟରେ ଆତତାୟୀମାନେ ମାରଣାସ୍ତ୍ରରେ ଆକ୍ରମଣ ଘଟଣାରୁ ଆଇନଶୃଙ୍ଖଳା ବା ପୋଲିସ୍ ପ୍ରତି ଅପରାଧୀମାନଙ୍କର ଭୟ ନଥିବା ଦର୍ଶାଉଛି । ତେଣୁ ତୁରନ୍ତ ଅପରାଧୀଙ୍କୁ ଗିରଫ କରି ଦୃଢ଼



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ସଂପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ଏକ ପ୍ରେସ୍ ବିବୃତିରେ ଦାବି କରିଛନ୍ତି ଓ ଆହତ ଆଇନଜୀବୀ ଶ୍ରୀ ଦାସଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ତହସିଲ କାର୍ଯ୍ୟାଳୟ ଛାତରୁ ପାଣି ଗଳୁଛି

ସିମୁଳିଆ,(ନି.ପ୍ର)-ଲଗାଣ ବର୍ଷା ଯୋଗୁଁ ସିମୁଳିଆ ଅଂଚଳରେ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି କ୍ଷ ଏଭଳି ଅବସ୍ଥାରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର ବିଭିନ୍ନ ଅଂଚଳ ବୁଲି ବୁଲି ପରିଦର୍ଶନ କରୁଛନ୍ତି କ୍ଷ ହେଲେ ତହସିଲ କାର୍ଯ୍ୟାଳୟ ଛାତରୁ ପାଣି ପଡି କାର୍ଯ୍ୟାଳୟ କାର୍ଯ୍ୟ କରୁଥିବା କର୍ମଚାରୀ କାର୍ଯ୍ୟ କରି ପାରୁ ନ ଥିବା ଦେଖିବାକୁ ମିଳିଛି କ୍ଷ ପାଣି ପଡୁଥିବା କିଛି ସ୍ଥାନରେ ବାଲତୀ, ମାଡିଆ ଆଦି ବାସନ କୁସନ ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା କ୍ଷ ଏପରିକି ଅତିରିକ୍ତ ତହସିଲଦାର ରୁମରେ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା କ୍ଷ ଏ ସଂକ୍ରାନ୍ତରେ ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ଏହି କାର୍ଯ୍ୟାଳୟଟି ବହୁ ପୁରୁଣା ହେତୁ ଏହାର ଛାତ ନଷ୍ଟ ହୋଇଯାଇଛି କ୍ଷ ଏ ବାବଦରେ ଆର.ଡ଼ି ଅଧିକାରୀଙ୍କୁ ଅବଗତ କରାଯାଇଛି ଖୁବଶିଘ୍ର ଘର କାର୍ଯ୍ୟ ହେବା କଥା ବର୍ଷା ହେତୁ ବିଳମ୍ବ ହୋଇଛି ବୋଲି ପ୍ରକାଶ କରିଥିଲେ ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଆୟୋଜିତ ହେଲା ଆନ୍ତର୍ଜାତିକ ଯୁବ ଦିବସ

ବାଲେଶ୍ୱର(ନି.ପ୍ର.): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟ ସଭାଗୃହରେ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଛି ।ଏଥିରେ ପୌରୋହିତ୍ୟ କରି ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୁବସମାଜ ଉଦ୍ଦେଶ୍ୟରେ କହିଲେ ଯେ କଠିନ ପରିଶ୍ରମ, ଆନ୍ତରିକତା ଓ ଦେଶ ପ୍ରତି ସମର୍ପଣ ଭାବ ହିଁ ଏକ ସମୃଦ୍ଧ ଦେଶ ଗଠନରେ ଯୁବସମାଜ ପାଇଁ ସହାୟକ ହୋଇପାରିବ । ଯୁବଶକ୍ତି ହିଁ ଆମ ଦେଶର ଅମୂଲ୍ୟ ସମ୍ପତି, ସେମାନଙ୍କ ପ୍ରତି ଯତ୍ନବାନ ହେବା ଆମ ସମସ୍ତଙ୍କର କର୍ତବ୍ୟ ।ଅତିଥିବକ୍ତା ଭାବେ ଯୋଗ ଦେଇ ଅଧାପିକା ଡକ୍ଟର ପ୍ରତୀଚୀ ନନ୍ଦ କହିଲେ ଯେ, ଯୁବସମାଜ ପାଇଁ ସାହିତ୍ୟକୁ ପେସା କରିବା ଅସମ୍ଭବ ହୋଇଥିଲେ ମଧ୍ୟ ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ସେମାନଙ୍କ ଦ୍ୱାରା ବିଶ୍ୱସ୍ତରୀୟ ସାହିତ୍ୟ ସୃଷ୍ଟିର ସମ୍ଭାବନା ଅଛି । ଅନ୍ୟତମ ବକ୍ତା ଅରୁଦୀପ୍ତା ସ୍ୱାଇଁ କହିଲେ ଯେ ଆମେ ପରମ୍ପରା ହଜେଇ ଦେଲେ ଆମ ପରିଚୟ ହଜିଯିବ । 'ଗଣମାଧ୍ୟମ କ୍ଷେତ୍ରରେ ଯୁବପିଢ଼ିଙ୍କ ଭବିଷ୍ୟତ




ସଂପର୍କରେ ଆଲୋଚନା କରିବାକୁ ଯାଇ 'ସକାଳ'ର ବାଲେଶ୍ୱର ପ୍ରତିନିଧି ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି କହିଲେ ଯେ ସତ୍ୟ, ନିରପେକ୍ଷତା ଓ ଲୋକଙ୍କ ବିଶ୍ୱାସ ଉପରେ ଆଧାରିତ ଖବର ପରିବେଷଣ ହିଁ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ । ସେହିପରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ସଂପର୍କରେ ଆଲୋଚନା କରି ଦେବାଂଶି ବୋଷ କହିଲେ ଯେ ଆମେ ନିଜ କର୍ମକୁ ଭଲପାଇଲେ ତାହା ଆମକୁ ସଫଳତାର ଶୀର୍ଷରେ ପହଂଚାଇବା ସହିତ ଦେଶଗଠନରେ ସହାୟକ ହେବ । ସଂଗଠନ ସଂପାଦକ ତପନ ରାୟ ପ୍ରାକ୍ ?ସୂଚନା ପ୍ରଦାନ କରିଥିଲେ । ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଂଚ ଆବାହନ କରିଥିଲେ । ସଭା ପ୍ରାରମ୍ଭରେ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ପ୍ରାରମ୍ଭିକ ସଙ୍ଗୀତକୁ ସମବେତ କଣ୍ଠରେ ଗାନ କରିଥିଲେ ବାସନ୍ତୀ ଦେ, ଅର୍ଚ୍ଚନା କର, ତୃପ୍ତିରାଣୀ ପାତ୍ର, କମଳିନୀ ଦାସ, କୃଷ୍ଣା ପ୍ରଧାନ, ସଙ୍ଗୀତା ବାରିକ, ପୁଷ୍ପଲତା ଚକ୍ରବର୍ତୀ, ଶାନ୍ତିଲତା ପଣ୍ଡା, କବିତା ଜେନା ଓ ଅବନ୍ତୀ ଜେନା । ଶେଷରେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଘୁଚାପ ବର୍ଷାରେ ବାଲେଶ୍ୱର ସହର ଜଳମଗ୍ନ ୩ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଘରେ ବର୍ଷାଜଳ

ବାଲେଶ୍ୱର(ନି.ପ୍ର.) ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉତର ଓଡ଼ିଶାରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି । ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ସତର୍କତା ଜାରି ହୋଇଥିବା ବେଳେ ବାଲେଶ୍ୱର ସହରରେ ମାତ୍ର କିଛି ଘଂଟାର ବର୍ଷାରେ ବିଭିନ୍ନ ଅଂଚଳ ଜଳମଗ୍ନ ହୋଇପଡ଼ିଛି । ବର୍ଷ ବର୍ଷ ଧରି ଚାଲିଆସୁଥିବା ଡ୍ରେନେଜ୍ ସମସ୍ୟା ପୁଣିଥରେ ସାମ୍ନାକୁ ଆସିଛି । ଗତକାଲି ରାତିରୁ ଆରମ୍ଭ ହୋଇଥିବା ବର୍ଷା ପରେ ସକାଳୁ ସକାଳୁ ବାଲେଶ୍ୱର ସହରର ବିଭିନ୍ନ ନିମ୍ନାଂଚଳ ଜଳମଗ୍ନ ହୋଇପଡ଼ିଛି । ବାଲିଆ ସିଟି କ୍ଲିନିକ୍ ଛକ, ଚିଡ଼ିଆପୋଲ, ଅଜିମାବାଦ, କଂଗ୍ରେସ ଗଳି ସମେତ ଅନେକ ଅଂଚଳରେ ରାସ୍ତା ଉପରେ ପାଣି ଜମି ଯାତାୟାତ ବ୍ୟାହତ ହୋଇଛି । ବାଲେଶ୍ୱର ବସ୍ ?ଷ୍ଟାଣ୍ଡରୁ ରେମୁଣା ଗୋଲାଇ ମୁଖ୍ୟ ରାସ୍ତାର ବାଲିଆ ସିଟି କ୍ଲିନିକ୍ ଛକରେ ମଧ୍ୟ ପାଣି ଜମିବା ଆରମ୍ଭ ହୋଇଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ, ପ୍ରତିବର୍ଷ ଦୁଇରୁ ତିନିଥର ଏଭଳି ପରିସ୍ଥିତି ଦେଖାଦେଉଛି । ମାତ୍ର ଦୁଇରୁ ତିନି ଘଂଟା ବର୍ଷା ହେଲେ ନାଳ ଉପଚି





ପାଣି ଘର ଭିତରକୁ ପଶିବା ଆରମ୍ଭ କରୁଛି । ଫଳରେ ଲୋକେ ବର୍ଷା ହେଲେ ଆତଙ୍କିତ ହୋଇପଡୁଛନ୍ତି ।ସ୍ଥାନୀୟମାନଙ୍କ କହିବା ଅନୁଯାୟୀ, ପ୍ରାୟ ୩୦ ବର୍ଷ ଧରି ଏହି ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଗତବର୍ଷ ମଧ୍ୟ ସମାନ ଭାବେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା । ପ୍ରତିଥର କେବଳ ଡ୍ରେନ୍ ଭଙ୍ଗା, ମାପଚୁପ ଓ ମରାମତିର କଥା ହେଉଛି, କିନ୍ତୁ ସ୍ଥାୟୀ ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ମୁଖ୍ୟ ରାସ୍ତାରେ ପାଣି ଜମିଲେ ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେଉଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ଆଗାମୀ କିଛି ଦିନ ଲଘୁଚାପ ଜନିତ ବର୍ଷା ଜାରି ରହିବାର ସମ୍ଭାବନା ଥିବାରୁ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି । ସ୍ଥାନୀୟ ବାସିନ୍ଦା ଶୀଘ୍ର ଏକ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲାରେ ଗତ ୨୨ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ମୋଟ ୧୨ଟି ବ୍ଲକରେ ୧୯୪୦ ମି.ମି. ବୃଷ୍ଟିପାତ ଆକଳନ କରାଯାଇଛି । ଖବରରୁ ପ୍ରକାଶଯେ, ୨୨ ତାରିଖରେ ୪୦୦ମି.ମି., ୨୩ ତାରିଖରେ ୨୦୪ ମି.ମି., ୨୪ ତାରିଖରେ ୫୧୭ମି.ମି., ୨୫ ତାରିଖରେ ୬୦ମି.ମି., ୨୬ ତାରିଖରେ ୪୦୫ ମି.ମି, ୨୭ ତାରିଖରେ ୩୫୪ ମି.ମି. ବୃଷ୍ଟିପାତ ଆକଳନ କରାଯାଇଥିବା ବେଳେ ଏବେ ଜିଲ୍ଲାର ୩ ଟି ନଦୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକ ଜଳସ୍ରୋତ ଫୁଲିବାରେ ଆକଳନ କରାଯାଇଛି । ସେହିପରି ଅଗଷ୍ଟ ୧୨ ତାରିଖ ରାତିରୁ ୧୩ ତାରିଖ ସକାଳ ଯାଏଁ ଭୋଗରାଇରେ ୨୩୬ମି.ମି., ବସ୍ତାରେ ୨୦୨ମିମି, ଜଳେଶ୍ୱରରେ ୧୬୨ମି.ମି, ବାଲିଆପାଳରେ ୧୩୭ମି.ମି., ବାଲେଶ୍ୱରରେ ୯୫ ମି.ମି., ରେମୁଣାରେ ୧୨୬ମି.ମି., ନୀଳଗିରିରେ ୮୮ମି.ମି., ସୋରରେ ୫୭ ମି.ମି., ବାହାନଗାରେ ୧୨୦ମି.ମି., ସିମୁଳିଆରେ ୩୫ମି.ମି, ଖଇରାରେ ୨୬ ମିମି. ଔପଦାରେ ୬୨ ମି.ମି, ଏଯାବତ୍ ମୋଟ ୧୩୪୬ମି.ମି ବୃଷ୍ଟିପାତ ଆକଳନ କରାଯାଇଛି । ଫଳରେ ଜଳକା ଓ ବୁଢ଼ାବଳଙ୍ଗରେ ବନ୍ୟାଜଳ ଦୃତ ଗତିରେ ଫୁଲିବାରେ ଲାଗିଛି । ଏଣେ ସମୁଦ୍ର ଜଳ ଟାଣୁନଥିବା ବେଳେ ନଦୀରେ ଜଳସ୍ଥିତି ଗମ୍ଭୀର ହୋଇଛି । ତେଣେ ଉପମରମୁଣ୍ଡାରେ ପ୍ରବଳ ବର୍ଷା ଯୋଗୁଁ ଏବେ ମୟୂରଭଂଜର କାଳଡ୍ୟାମର ଜଳ ଛଡ଼ାଯିବ ବୋଲି ଆକଳନ କରାଯାଉଛି । ଫଳରେ ସୁଏଲପୁର, ମିର୍ଜାପୋଖରୀ, ଦର୍ଜିପୋଖରୀ, କଂଗ୍ରେସ ଅଫିସ ଗଳି, ଚିଡ଼ିଆପୋଲ, ଏଫଏମ ସର୍କଲ, ବାଲିଆ, ଅନ୍ନପୂର୍ଣ୍ଣା ଟକିଜ, ଭୀମପୁରା ଛକ, ସେରଗଡ଼, ଆଜିମାବାଦ ମେସ୍ ସମେତ ବାଲେଶ୍ୱର ସହରରେ ଏମିତି ବର୍ଷାଜଳ କୃତ୍ରିମ ବନ୍ୟାର ରୂପନେଲା ଯାହାଫଳରେକି ମୋତିଗଂଜ ଅଂଚଳର ଲୋକମାନେ ନୂଆବଜାର ଅଂଚଳର ଲୋକମାନେ ମୋତିଗଂଜକୁ ଦୀର୍ଘ ୧୧ଟା ପର୍ଯ୍ୟନ୍ତ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା ।





# ଗଲ୍ଫ ଓଡ଼ିଆ ଆସୋସିଏସନର ନବମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର: ଗଲ୍ଫ ଓଡ଼ିଆ ଆସୋସିଏସନର ନବମ ବାର୍ଷିକ ଉତ୍ସବ ଭୁବନେଶ୍ୱର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମଧ୍ୟପ୍ରାଚ୍ୟସ୍ଥିତ ସାଉଦି ଆରବ, କାତାର, ଓମାନ, କୁଏତ, ବାହାରିନ, ୟୁଏଇ ଏବଂ ଆବୁଧାବିରେ ବସବାସ କରୁଥିବା ଶତାଧିକ ଓଡ଼ିଆ ସେମାନଙ୍କର ପରିବାରବର୍ଗ ଓ ସମ୍ପର୍କୀୟମାନଙ୍କ ସହିତ ଆସି ଉତ୍ସବରେ ସାମିଲ ହୋଇଥିବା ଦେଖାଯାଇଥିଲା । ସମାରୋହ ଅବସରରେ ଗଲ୍ଫରେ ଅବସ୍ଥାପିତ ଏହି ପ୍ରବାସୀ ଓଡ଼ିଆ ମାନଙ୍କର ନିଜର ମାତୃଭୂମି ଓ ମାତୃଭାଷା ପ୍ରତି ଥିବା ପ୍ରଗାଢ ମମତା ଏବଂ ଅତୁଟ ଆତ୍ମୀୟତାର ଭବ୍ୟ ଏବଂ ଦିବ୍ୟ ନିଦର୍ଶନ ଘଟିଥିଲା । ନିଜର ମହାନ କଳା, ସଂସ୍କୃତି , ଭାଷା, ସାହିତ୍ୟ ଏବଂ ପରମ୍ପରାକୁ ନେଇ ଗର୍ବିତ ହେବା ସାଙ୍ଗକୁ ପରସ୍ପର ମଧ୍ୟରେ ଥିବା ଭ୍ରାତୃତ୍ୱର ନିବିଡ ବନ୍ଧନକୁ ଏକଜୁଟ ହୋଇ ପ୍ରଦର୍ଶନ କରିବାର ଏହା ପ୍ରକୃଷ୍ଟ କ୍ଷେତ୍ର ଥିଲା । ସମାବେଶକୁ ସମ୍ବୋଧନ କରି 'ଗଓଆ' ର ଅଧ୍ୟକ୍ଷ ଅଜୟ କୁମାର ଦାସ, ଗଲ୍ଫ ଓଡ଼ିଆ ଆସୋସିଏସନର ସର୍ବୋଚ୍ଚ ଲକ୍ଷ୍ୟ 'ସେବା ହିଁ ସର୍ବୋପରି' ବୋଲି ଦର୍ଶାଇଥିଲେ । ନିଜର ମାତୃପ୍ରଦେଶ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସ୍ୱଚ୍ଛତା ର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ 'ଗ ଓ ଆ' ବଦ୍ଧପରିକର ବୋଲି ଶ୍ରୀ ଦାସ ସୂଚାଇଥିଲେ । ସଭାରେ ଭାଷଣ ଦେଇ 'ଗ ଓ ଆ' ର ବରିଷ୍ଠ ସଦସ୍ୟ ଯଥା:- ସଂଯୁକ୍ତା ପାଢ଼ୀ, ସୁସ୍ମିତା ପଟ୍ଟନାୟକ, କୁନ୍‌କୁନ୍ ଦାସ, ଉମାକାନ୍ତ ପାଢ଼ୀ, ଦୀନବନ୍ଧୁ ସାମଲ, ଅମରେଶ ପଣ୍ଡା, ସୁଧୀର ସେନାପତି, ଗୋବିନ୍ଦ ପଣ୍ଡା, ସରୋଜ ଦାସ, ସୁଜିତ ପଟ୍ଟନାୟକ ଏବଂ ଅଭିଜିତ ତ୍ରିପାଠୀ ପ୍ରମୁଖ ଓଡ଼ିଶା ସହିତ ଭାବର ଆଦାନପ୍ରଦାନ ତଥା ରାଜ୍ୟର ସର୍ବାଙ୍ଗୀନ ଉନ୍ନୟନ ଦିଗରେ ଭାଗୀଦାର ବନିବା ନେଇ 'ଗ ଓ ଆ' ର ସିଦ୍ଧାନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ପଦ୍ମଶ୍ରୀ ଶରତ କୁମାର ପାତ୍ର ଓଡ଼ିଶା ହସ୍ତତନ୍ତର ସ୍ୱତନ୍ତ୍ରତା ଓ ସୃଜନଶୀଳତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କ ଦ୍ୱାରା ବୁଣାଯାଇଥିବା କିଛି ଅନନ୍ୟ କଳାକୃତି ପ୍ରଦର୍ଶନ କରିଥିଲେ । ସମ୍ମାନିତ ଅତିଥି 'ୱାର୍ଲ୍ଡ ଓଡ଼ିଶା ସୋସାଇଟି'ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଗଲ୍ଫ ଦେଶମାନଙ୍କରେ 'ଗଓଆ' ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଚାର ପ୍ରସାର ଓ ଲୋକପ୍ରିୟ କରିବା ପାଇଁ ଯେଉଁ ଅଭିଯାନ ଚଳାଇଆସିଛି, ତାହାର ଭୂୟସୀ ପ୍ରଶଂସା କରିଥିଲେ । ସମାରୋହରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଓଡ଼ିଶା ସରକାରଙ୍କ ପ୍ରତିନିଧି ପ୍ରୀତିଶ ପଣ୍ଡା ଓ ନୃସିଂହ ସାହୁ, ବିଶାଖାପାଟଣାସ୍ଥିତ ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜଗଦୀଶ କୁମାର ନାୟକ, ଜଗା-କାଳିଆ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଉମାକାନ୍ତ ଜେନା, ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଦୁଇ ସାଧାରଣ ସମ୍ପାଦକ ରାମକୃଷ୍ଣ ଦାଶ ଓ କାବେରୀ ବେହେରା, ଡବ୍ଲ୍ୟୁ.ଓ.ଏସ୍. ଓଡ଼ିଶା ଶାଖାର ଯୁଗ୍ମ ସାଧାରଣ ସମ୍ପାଦକ ରାଜକୁମାର ଜେନା, ଖୋର୍ଦ୍ଧା ୟୁନିଟ୍‌ର ସାଧାରଣ ସମ୍ପାଦକ ସୁଜାତା ଚୌଧୁରୀ ଏବଂ ସମାଜସେବୀ ଶାରଦା ମହାପାତ୍ର ପ୍ରମୁଖ ସାମିଲ ଥିଲେ । ନବମ ବାର୍ଷିକ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଥିଲା । ଶିଶୁ ପ୍ରତିଭା ଆଦ୍ୟାଶା ପାଣିଗ୍ରାହୀ ତାଙ୍କର ଅପୂର୍ବ କଳା ଚାତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ମାତୃଶକ୍ତି ନୃତ୍ୟ ଏକାଡେମୀ ଏବଂ ବିଶ୍ୱରାଜ କୃଷ୍ଣ କଲଚରାଲ ଟିମ୍ ?ର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟ ଏବଂ ସଙ୍ଗୀତ ବେଶ୍ ଉଚ୍ଚକୋଟୀର ଥିଲା ।ଏହି ଉତ୍ସବର ପ୍ରାୟୋଜକ ଆଇସିଆଇସିଆଇ ଏବଂ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଥିଲେ ।

# ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଲେକ୍ଟୋରାଲ ଲିଟେରେସି କ୍ଲବ୍ ମତଦାତା ସଚେତନତା କାର୍ଯ୍ୟକ୍ରମ



କଟକ : (ନି. ପ୍ର.) ଯୁବପିଢ଼ି ମଧ୍ୟରେ ନିର୍ବାଚନୀ ସଚେତନତା ବୃଦ୍ଧି, ମତଦାନର ମହତ୍ତ୍ୱ ସମ୍ପର୍କରେ ଜଣାଇବା ନିମନ୍ତେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଲେକ୍ଟୋରାଲ ଲିଟେରେସି କ୍ଲବରେ ମତଦାତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କ୍ଲବ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ବ୍ୟବସ୍ଥା, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ, ମତଦାନ ପ୍ରକ୍ରିୟା ଏବଂ ଗଣତନ୍ତ୍ରରେ ମତଦାନର ଭୂମିକା ସମ୍ପର୍କରେ ସଚେତନ କରାଯାଉଛି । ଏଥିସହ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଯୋଗ୍ୟ ମତଦାତାଙ୍କୁ ମଧ୍ୟ ସଚେତନ କରାଯାଉଛି । ବିଶେଷକରି ଯେଉଁ ଛାତ୍ରଛାତ୍ରୀମାନେ ନିକଟ ଭବିଷ୍ୟତରେ ୧୮ବର୍ଷ ବୟସରେ ପହଂଚି ମତଦାତା ହେବେ, ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଉଛି । କ୍ଲବ୍ ଗୁଡ଼ିକରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପୋଷ୍ଟର ପ୍ରସ୍ତୁତି, ଆଲୋଚନା ଚକ୍ର, ଶପଥ ପାଠ ଆଦି ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ସକ୍ରିୟଭାବେ ଅଂଶଗ୍ରହଣ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଉଛି । ଯୁବପିଢ଼ି ନିର୍ବାଚନୀ ପ୍ରକ୍ରିୟାରେ ନିଜର ଭୂମିକା ବୁଝିବା ସହ ସଚେତନ, ସକ୍ରିୟ ଓ ଦାୟିତ୍ୱବାନ ମତଦାତା ଭାବେ ନିଜକୁ ପ୍ରସ୍ତୁତ କରେଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ।

# କେଶରପୁର ମହଲ୍ଲା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



କଟକ(ନିପ୍ର): ଦୀର୍ଘ ବର୍ଷ ଧରି ସାହିର ମହଲ୍ଲା କମିଟିକୁ ସରକାରୀ ସ୍ୱୀକୃତିପ୍ରାପ୍ତ ମିଳିନଥିଲାବେଳେ ନୂତନ ମହଲ୍ଲା କମିଟି ଗଠନ ହୋଇପାରିଛି । ଗତ ତା- ୧୭.୦୭.୨୦୨୬ ରିଖରେ କେଶରପୁର ମହଲ୍ଲା କମିଟିକୁ ସରକାର ସ୍ୱୀକୃତି ଦେଇଥିବାର ବୁଦ୍ଧିଜିବୀ, ମୁରବୀ ଓ ସାହି ବାସିନ୍ଦାଙ୍କ ପାଇଁ ଏକ ଖୁସିର ମୁହୂର୍ତ ବୋଲି ଉପସ୍ଥିତ ମହଲ୍ଲା କମିଟିର ସଦସ୍ୟମାନେ ସାମ୍ବାଦିକ ମାନଙ୍କୁ ଜଣାଇଥିଲେ । ସାହିର ବିକାଶ ସାଙ୍ଗକୁ ସମସ୍ତଙ୍କର ଉନ୍ନତି ଦିଗରେ ଏ କମିଟି ଅଗ୍ରସର ହେବ । ସାହିରେ ଥିବା ବିଭିନ୍ନ ସମସ୍ୟାକୁ ମଧ୍ୟ ଏ କମିଟି କିପରି ପରିଚାଳନା କରିବ ସେ ବିଷୟରେ ମଧ୍ୟ କମିଟି ଓ ମୁରବୀ ମାନଙ୍କ ସହ ଆଲୋଚନା କରି ଉଚିତ୍ ପଦକ୍ଷେପ ନେବ । ଆଗକୁ ସାହି ଓ ମହଲ୍ଲା କମିଟି ବିକାଶ ଦିଗରେ ଅଗ୍ରସର ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ମହଲା କମିଟିର ସଭାପତି ଏସ କେ ଖାହିଦ୍, ସମ୍ପାଦକ ଏସ କେ ଆଦିଦ୍, ଉପ ସଭାପତି ଏସ କେ ରହିମ୍, ଯୁଗ୍ମ ସମ୍ପାଦକ ନୟିମ୍ ଅକତାର୍ ଖାନ୍, ଉପଦେଷ୍ଟା ଏସ କେ ଅବଦୁଲ କହାମ, କୋଷାଧ୍ୟକ୍ଷ ଇମ୍ରାନ ଖାଁ, ଅନ୍ୟାନ୍ୟ ସଦସ୍ୟ ଏବଂ ସାହି ମୁରବୀ ଓ ବୁଦ୍ଧିଜୀବୀମାନେ ବକ୍ତବ୍ୟ ରଖିଥିଲେ ।

# ୮୦ତମ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ




ବାଲିଆପାଳ(ନିପ୍ର): ଭାଜପା ବାଲିଆପାଳ ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୮୦ତମ ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ବୁଧବାର ପରାହ୍ନରେ ବାଲିଆପାଳ ଅନ୍ତର୍ଗତ ଖଗଡାପାଳ ଶିବ ମନ୍ଦିର ଠାରୁ ବିଶାଳ ତ୍ରିରଙ୍ଗା ପତାକାକୁ ଧରି ଶତାଧିକ ବିଜେପି ମହିଳା ଓ ପୁରୁଷ କର୍ମୀ ମାନେ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିର, ସିମୁଳିଆ ବଜାର, ବ୍ଲକ ଛକ, ପାରୁଳିଆ ଛକ,ଜାମକୁଣ୍ଡା ଛକ ଅତିକ୍ରମ କରି ବାଲିଆପାଳ ବସଷ୍ଟାଣ୍ଡ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ପହଂଚି ଥିଲେ । ବାଲିଆପାଳ ମଣ୍ଡଳ ସଭାପତି ଅକ୍ଷୟ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ବାଲିଆପାଳ ବ୍ଲକ ବିଜେପି ଯୁବମୋର୍ଚ୍ଚା ସଭାପତି ସଞ୍ଜୟ କୁମାର ପ୍ରଧାନ, ଜିଲ୍ଲା ଉପସଭାପତି ଅରବିନ୍ଦ ବେହେରା, ସତ୍ୟରଞ୍ଜ ମଣ୍ଡଳ, ବିଷ୍ଣୁପୁର ସରପଂଚମହେଶ୍ୱର ଜେନା, ସାମାଜସେବୀ ଲମ୍ବୋଦର ମାହାନା, ଯୁବନେତା କ୍ଷୀତିଶ କୁମାର ଜେନା, ଅରିନ ମହାନ୍ତି, ଯଶୋବନ୍ତ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଜିଲ୍ଲା କମିଟି ସଦସ୍ୟ ଅଦୈତ୍ୟ ବାଗ, ବାଲିଆପାଳ ମଣ୍ଡଳ ସାଧାରଣ ସଂପାଦକ ସୁବାସ ଚନ୍ଦ୍ର ସି, ଗୋପାଳ ଜେନା, ଅନନ୍ତ ବିଶ୍ୱାଳ, ଶ୍ରୀକାନ୍ତ ମାହାନା ପ୍ରମୁଖ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ତ୍ରିରଙ୍ଗା ର ମହତ୍ତ୍ୱ ଦେଶର ଏକଥା ଓ ଅଖଣ୍ଡତା ସହ ଦେଶ ପ୍ରତି ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ ।

# ଖାନକା ସରିଫରେ ପଦବୀକୁ ନେଇ ବିବାଦ

ଧାମନଗର(ନିପ୍ର): ଧାମନଗର ଠାରେ ଥିବ ବିଶ୍ୱ ପ୍ରସିଦ୍ଧ ପିର ବାବା ହଜୁର ମୂଜାହିଦ ଇ ମିଲତ ଙ୍କ ଆସ୍ତାନସ୍ଥଳଧାମନଗର ଖାନକା ସରିଫ ଠାରେ ବିବାଦ ଉପୁଜିଛି ଯାହାକୁ ନେଇ ଧାମନଗର ଥାନା ରେ ୪ ଟି ମାମଲା ରୁଜୁ ହୋଇ ଥିବା ସୂଚନା ମିଳିଛି । ସେଠାରେ ଥିବା ପରିଚାଳନା କମିଟି କୁ ନେଇ କିଛି ବିବାଦ ସୃଷ୍ଟି ହୋଇଛି । କମିଟି ପରିଚାଳନା ଓ ୱାକଫ୍ ବୋର୍ଡର ନିଯୁକ୍ତିକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିବାଦ ଏବେ ଉଗ୍ର ରୂପ ନେଇଛି । ମସଜିଦ ପରିସରରେ ସଂଘବଦ୍ଧ ଆକ୍ରମଣ , ଅଫିସ ଡ୍ରୟରରୁ ୫୦ ହଜାର ଟଙ୍କା ଗାୟବ ହୋଇଥିବା ଅଭିଯୋଗକୁ ନେଇ ଧାମନଗର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି ।ପ୍ରଥମ ମାମଲା କେସ ନମ୍ବର ୩୨୫/୨୦୨୬ରେ ୨୧ ଜଣ ନାମିତ ଓ ୫୦ ଜଣ ଅଜ୍ଞାତଙ୍କ ସମେତ ମୋଟ ୭୧ ଜଣଙ୍କ ବିରୋଧରେ ଏତଲା ହୋଇଛି । ଅନ୍ୟ ମାମଲା କେସ ନମ୍ବର ୩୨୬/୨୦୨୬ରେ ୪ ଜଣଙ୍କୁ ନାମିତ କରାଯାଇଛି । ଦୁଇ ମାମଲାକୁ ମିଶାଇ ୨୫ ଜଣ ନାମିତ ଓ ୫୦ ଜଣ ଅଜ୍ଞାତଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି । ଏତଲା ଅନୁଯାୟୀ, ସୟଦ ମହମ୍ମଦ ହବିବ ଦୀର୍ଘଦିନ ଧରି ଖାନକାହା ମସଜିଦର ମତଓ୍ୱଲି ଭାବେ କାର୍ଯ୍ୟ କରିଆସୁଥିଲେ । ୱାକଫ୍ ବୋର୍ଡରେ ହୋଇଥିବା ଅଭିଯୋଗ ପରେ ମଧ୍ୟ ଅଗଷ୍ଟ ୪ ତାରିଖରେ ଓଡ଼ିଶା ୱାକଫ୍ ବୋର୍ଡ ପକ୍ଷରୁ ତାଙ୍କୁ ପୁନର୍ବାର ମତଓ୍ୱଲି ଭାବେ ନିଯୁକ୍ତ କରାଯାଇଥିବା ଏତଲାରେ ଦର୍ଶାଯାଇଛି । ଅଗଷ୍ଟ ୬ ତାରିଖ ଦିନ ହବିବ ନିଜ ସମର୍ଥକଙ୍କ ସହ ଅଫିସ ପରିସରକୁ ଯାଇଥିବା ବେଳେ ଏକ ଗୋଷ୍ଠୀ ସେମାନଙ୍କୁ ଘେରି ଠେଙ୍ଗା, ଭୁଜାଲି, ଲୁହା ରଡ୍ ଓ ଦାଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ୪ରୁ ୫ ଜଣ ଆହତ ହୋଇଥିବା ଏବଂ ଜୀବନରୁ ମାରିଦେବାକୁ ଧମକ ମିଳିଥିବା ଏତଲାରେ ଉଲ୍ଲେଖ ରହିଛି । ଏହି ମାମଲାରେ ଇଘଝର ୧୨୬(୨), ୨୯୬, ୧୧୫(୨), ୧୦୯, ୩୫୧(୨) ଓ ୩(୫) ଧାରା ଲାଗିଛି । ଅନ୍ୟପକ୍ଷରେ, ଦାରୁଲ ଉଲୁମ ମୁଜାହଦର ପିଅନ ମହମ୍ମଦ ଗୋଲାମ ରବାନୀଙ୍କ ଅଭିଯୋଗକୁ ନେଇ ରୁଜୁ ହୋଇଥିବା ଦ୍ୱିତୀୟ ମାମଲାରେ ଅଫିସ ଡ୍ରୟରରୁ ୫୦ ହଜାର ଟଙ୍କା ଗାୟବ ହୋଇଥିବା ଅଭିଯୋଗ ରହିଛି । ରବାନୀ ଅସୁସ୍ଥତା କାରଣରୁ ଚିକିତ୍ସିତ ହୋଇ ଫେରିବା ପରେ ଅଫିସରେ ଯୋଗଦେଇ ଡ୍ରୟର ଖୋଲିବା ବେଳେ ଟଙ୍କା ନଥିବା ଜାଣିଥିବା ଏତଲାରେ କହିଛନ୍ତି । ଏହି ମାମଲାରେ ୪ ଜଣଙ୍କୁ ନାମିତ କରାଯାଇ ଇଘଝ ୩୦୩(୨) ଓ ୩(୫) ଧାରାରେ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣା ଥମି ନଥିବା ବେଳେ ୧୨ ତାରିଖ ସନ୍ଧ୍ୟାରେ ପୁଣି ଦୁଇ ଗୋଷ୍ଠି ମଧ୍ୟ ରେ ବିବାଦ ସୃଷ୍ଟି ହୋଇଚି । ମତଓ୍ୱଲି ଖାନକା ଅଫିସ କୁ ଯିବା ବେଳେ ଦୁଇ ଗୋଷ୍ଠି ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ଥିଲେ । ଏ ନେଇ ମତଓ୍ୱଲି ଙ୍କ ଅଭିଯୋଗ କ୍ରମେ ପୋଲିସ କେସ ନମ୍ବର ୩୩୮/୨୬ ରେ ମାମଲା ରୁଜୁ କରିଥିବା ବେଳେ ମହମ୍ମଦ ଅବ୍ଦୁଲ ମନାନ ଙ୍କ ଅଭିଯୋଗ କ୍ରମେ କେସ ନମ୍ବର ୩୩୯/୨୬ ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି ।ତେବେ ଧାମନଗର ପୋଲିସ ଏହି ଘଟଣା କୁ ନେଇ ୪ ଗୋଟି କେସ କରି ଘଟଣା ର ତଦନ୍ତ କରୁଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ କହିଛନ୍ତି ।ତେବେ ଉକ୍ତ ପୀଠ ବିଶ୍ୱ ପ୍ରସିଦ୍ଧ ହୋଇ ଥିବାବେଳେ ପ୍ରତିବର୍ଷ ଉର୍ସ ଉତ୍ସବ ରେ ଭାରତ ତଥା ଭାରତ ବାହାରୁ ମଧ୍ୟ ଭକ୍ତ ମାନେ ଆସି ଥାଆନ୍ତି । ତେବେ ଏପରି ଶାନ୍ତିପ୍ରିୟ ସ୍ଥାନରେ ଅଶାନ୍ତି ସୃଷ୍ଟି ନକରିବାକୁ ଧାମନଗର ଥାନା ଅଧିକାରୀ ଶ୍ରୀ ଦାସ ନିବେଦନ କରିଛନ୍ତି ।

## କୃଷି କାର୍ଯ୍ୟାଳୟରେ ଚାଷୀ ବୈଜ୍ଞାନିକ ସମନ୍ୱୟ ବୈଠକ

ସୋର(ନିପ୍ର): ସୋର କୃଷି କାର୍ଯ୍ୟାଳୟରେ ଚାଷୀ ଓ ବୈଜ୍ଞାନିକଙ୍କର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଦିନିଆ ବୈଠକରେ ସୋର ଓ ବାହାନଗା ବ୍ଲକର ପ୍ରାୟ ୨୫ ଚାଷୀ ଭାଗ ନେଇଥିଲେ । ଉକ୍ତ ବୈଠକରେ ଧାନ ଚାଷ, ପନିପରିବା ଚାଷ, ମାଛ ଚାଷରେ ବୈଜ୍ଞାନିକ ଉପାୟରେ ଚାଷୀ ମାନେ କିପରି ଚାଷ କରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ଚାଷୀମାନଙ୍କୁ ଉଚିତ ପରାମର୍ଶ ଦିଆଯାଇଥିଲା । ଉକ୍ତ ବୈଠକରେ ଆତ୍ମାର ଚେୟାରମ୍ୟାନ ଅଜୟ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବାସୁଦେବ ଶତପଥୀ, ସୋର ବ୍ଲକ କୃଷି ଅଧିକାରୀଣୀ ରଞ୍ଜିତା ଟୁଡୁ, ବ୍ଲକ ବୈଷୟିକ ପରିଚାଳିକା ଆଦ୍ୟାଶକ୍ତି ସାମଲ, ଅତିରିକ୍ତ ବୈଷୟିକ ପରିଚାଳକ ସୁବାସ ଚନ୍ଦ୍ର ଦୀକ୍ଷିତ, କୃଷି ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ ।


ବାଲେଶ୍ୱର ମହିଳା କଲେଜ, ଗୋପାଳଗାଁ, ବାଲେଶ୍ୱର
ଅତିଥି ଅଧ୍ୟାପକ ନିଯୁକ୍ତି ସମ୍ବନ୍ଧରେ

ବାଲେଶ୍ୱର ମହିଳା କଲେଜ, ଗୋପାଳଗାଁ, ବାଲେଶ୍ୱର, ପିନ୍-୭୫୬୦୦୧, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅସ୍ଥାୟୀ ଅଧ୍ୟାପକ (Guest Faculty) ଭାବେ ଅସ୍ଥାୟୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଅଛି । Master Degree With minimum 55% Marks ଥିବା ଯୋଗ୍ୟ ପ୍ରାର୍ଥୀ ଅବସରପ୍ରାପ୍ତ ଅଧ୍ୟାପକ / ପ୍ରାଧ୍ୟାପକମାନେ ନିମ୍ନଲିଖିତ ବିଷୟରେ ଆବେଦନ କରିପାରିବେ । ସମ୍ପୂର୍ଣ୍ଣ ବିବରଣୀ କଲେଜ ୱେବସାଇଟ୍ www.balasoremahilacollege.in ରେ ଉପଲବ୍ଧ ।

ଆବେଦନ ପ୍ରକ୍ରିୟା ହିମ୍ସ ପୋର୍ଟାଲ୍ https://hims.odisha.gov.in ମାଧ୍ୟମରେ ଆବେଦନ କରିବାକୁ ହେବ । ଅନ୍ୟଥା ଆବେଦନ ଗ୍ରହଣ କରାଯିବ ନାହିଁ ।

ବିଷୟ | ପଦ ସଂଖ୍ୟା
ଓଡ଼ିଆ ୦୧
ରାଜନୀତି ବିଜ୍ଞାନ ୦୧
ଇଂରାଜୀ ୦୧
ଦର୍ଶନଶାସ୍ତ୍ର ୦୧

ଆବେଦନ ଆରମ୍ଭ ତାରିଖ : 14.08.2026
ଆବେଦନ ଶେଷ ତାରିଖ : 21.08.2026

ସ୍ୱା/- ଅଧ୍ୟକ୍ଷ,
ବାଲେଶ୍ୱର ମହିଳା କଲେଜ,
ଗୋପାଳଗାଁ, ବାଲେଶ୍ୱର-୭୫୬୦୦୧



No. 34001/623/2627

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-14/2026-27

1. Number of works - (01)
2. Approximate estimated cost: - 13.30 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 19.08.2026 to 25.08.2026
5. Last Date / Time of receipt of bid in the portal :- Dt. 25.08.2026 up to 5.00 PM
6. Date of Opening of bid:- Dt. 28.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/26-27/0012



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MAYURBHANJ INVESTIGATION DIVISION, UDALA, MAYURBHANJ
Email Id: eemid.udala@rediffmail.com]

No. 32001/686/2627

NIT No.: SE/MID/TCN- 03/2026-27 (online)
'e'-Procurement Notice

| | |
|---|---|
| Name of the Work | Forest Diversion Proposal & Obtaining Stage-I & Stage-II clearance from MoEF & CC, Govt. of India for forest land proposed for Diverson for Khadakhai Medium Irrigation Project (Ph-II) at Murgaghutu village in Rairangpur block of Mayurbhanj district of Odisha. |
| Method of Selection | Percentage Rate Bid System (P1) |
| Period and Time of availability downloading tender documents in the portal online | 14.08.2026 at 11:00 AM to 24.08.2026 upto 3:00 PM |
| Last Date and time of seeking tender Clarification | 24.08.2026 upto 3:00 PM |
| Last Date and time for receipt tender documents Online. | 24.08.2026 upto 5:00 PM |
| Date of opening of Technical & Financial Proposal | 25.08.2026 at 11:00 AM |
| Period of Completion | 18 Months |
| Estimated cost of work | Rs. 24.79 lakhs (excluding GST) approximately |
| Place of Opening of Proposal: | O/o the Superintending Engineer, Mayurbhanj Investigation Division, Udala, At/Po: Udala, Mayurbhanj-757041 Email: eemid.udala@rediffmail.com |

Further details can be seen in the web site www.tendersodisha.gov.in.

Sd/-
Superintending Engineer,
Mayurbhanj Investigation Division, Udala

OIPR. 32001/32292/1/26-27/0003











ନୂତନ ପିଢ଼ିଙ୍କୁ ଶିକ୍ଷା ଦେଇ ଏତେ ସକ୍ଷମ କରିବା ଯେ ସେମାନେ ନିଜ ଜ୍ଞାନ ରୂପକ ଅସ୍ତ୍ରରେ ଏହି ବୈଚାରିକ ଯୁଦ୍ଧରେ ବିରୋଧୀଙ୍କୁ ପରାସ୍ତ କରି ପାରିବେ ।

# ଆଜିକାଲି



ଅଥକେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୁରୁଷଃ ।
ଅନିଚ୍ଛନ୍ନପି ବାର୍ଷ୍ଣେୟ, ବଳାଦିବ ନିୟୋଜିତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ହେ ହୃଷିକେଶ ! କର୍ମ, ଅକର୍ମ, ନିନ୍ଦା, ସ୍ତୁତି, ପାପପୂଣ୍ୟ, ଭଲମନ୍ଦ, ହାନିଲାଭ, ମଙ୍ଗଳ ଅମଙ୍ଗଳ ଏସବୁ ଜାଣି ମଧ ଲୋକମାନେ କାହା ପ୍ରେରଣାରେ ଏ ପାପା କରନ୍ତି ତାହା ମୋତେ କହନ୍ତୁ ।

## ଆଂଟି-ରାଗିଂ ଏବଂ ଛାତ୍ର ସୁରକ୍ଷା ବ୍ୟବସ୍ଥା

ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ୨୦୨୬-୨୭ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଆଂଟି-ରାଗିଂ ଏବଂ ଛାତ୍ର ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆବଶ୍ୟକତା ଅନୁଯାୟୀ କମିଟିଗୁଡ଼ିକର ପୁନର୍ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି । ଅନୁଷ୍ଠାନଗୁଡ଼ିକୁ ଏହି ପ୍ରକ୍ରିୟା ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ । ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ପକ୍ଷରୁ ଜାରି ହୋଇଥିବା ଏହି ନିର୍ଦ୍ଦେଶ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ, ଡିମ୍ଡ ବିଶ୍ୱବିଦ୍ୟାଳୟ, ସରକାରୀ, ସହାୟତାପ୍ରାପ୍ତ ଓ ଅଣସହାୟତାପ୍ରାପ୍ତ ଡିଗ୍ରୀ କଲେଜ, ସଂସ୍କୃତ କଲେଜ ଏବଂ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକର କୁଳସଚିବ ଓ ଅଧ୍ୟକ୍ଷମାନଙ୍କୁ ପଠାଯାଇଛି । ବିଭାଗ ପକ୍ଷରୁ ଅନୁଷ୍ଠାନଗୁଡ଼ିକୁ ବର୍ତ୍ତମାନ ଥିବା ସୁରକ୍ଷା କମିଟିଗୁଡ଼ିକର ଗଠନ ଓ କାର୍ଯ୍ୟପ୍ରଣାଳୀର ତୁରନ୍ତ ସମୀକ୍ଷା କରିବା ସହ ନିର୍ଦ୍ଧାରିତ ୭ ଦିନ ମଧ୍ୟରେ ଆବଶ୍ୟକ ପୁନର୍ଗଠନ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି । ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ଆଂଟି-ରାଗିଂ କମିଟି, ଆଂଟି-ରାଗିଂ ସ୍କ୍ୱାଡ୍ ଏବଂ ଆଂଟି-ରାଗିଂ ମନିଟରିଂ ସେଲ୍ କିମ୍ବା ଏହାର ସମକକ୍ଷ ସ୍ୱାଧୀନ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା ଓ ପୁନର୍ଗଠନ କରିବାକୁ ପଡ଼ିବ । ଏହା ବ୍ୟତୀତ, କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନରୁ ସୁରକ୍ଷା ଆଇନ, ୨୦୧୩ ଅନୁଯାୟୀ ଗଠିତ ଆଭ୍ୟନ୍ତରୀଣ କମିଟିକୁ ମଧ୍ୟ ସକ୍ରିୟ ଓ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ଛାତ୍ର କଲ୍ୟାଣ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବଶାଳୀ କରିବା ଉପରେ ଜୋର ଦେଇଛି । ଅନୁଷ୍ଠାନଗୁଡ଼ିକୁ ଛାତ୍ର ଅଭିଯୋଗ ସମାଧାନ କମିଟି, ଛାତ୍ର ସେବା କେନ୍ଦ୍ର ଏବଂ ମାନସିକ ପରାମର୍ଶ ୟୁନିଟ୍‌ଗୁଡ଼ିକୁ ସୁଦୃଢ଼ କରିବାକୁ କୁହାଯାଇଛି । ଯେଉଁଠାରେ ଆବଶ୍ୟକ, ସେଠାରେ ଓମ୍ବୁଡ୍ସପର୍ସନ୍‌ଙ୍କ ନିଯୁକ୍ତି କିମ୍ବା ଏହି ବ୍ୟବସ୍ଥାକୁ ସକ୍ରିୟ କରିବାକୁ ମଧ୍ୟ କୁହାଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ଅଭିଯୋଗର ପ୍ରଭାବଶାଳୀ ସମାଧାନ କରାଯାଇପାରିବ । ବିଭାଗ ସ୍ପଷ୍ଟ କରିଛି ଯେ, ଏହି ସମସ୍ତ ବ୍ୟବସ୍ଥା ନିୟମିତ ଭାବେ କାର୍ଯ୍ୟକ୍ଷମ ରହିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ସହଜରେ ଉପଲବ୍ଧ ହେବା ଆବଶ୍ୟକ, ଯାହାଦ୍ୱାରା କୌଣସି ସମସ୍ୟା ହେଲେ ସେମାନେ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ । ପାରଦର୍ଶିତା ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକୁ କମିଟିର ଅଧ୍ୟକ୍ଷ, ନୋଡାଲ୍ ଅଧିକାରୀ ଏବଂ ସଦସ୍ୟମାନଙ୍କ ନାମ, ପଦବୀ, ସରକାରୀ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ପ୍ରମୁଖ ଭାବେ ପ୍ରଦର୍ଶନ କରିବାକୁ କୁହାଯାଇଛି । ଏହି ସମସ୍ତ ବିବରଣୀ ଅନୁଷ୍ଠାନର ନୋଟିସ୍ ବୋର୍ଡ ସହିତ ସରକାରୀ ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ କରାଇବାକୁ ପଡ଼ିବ, ଯାହାଦ୍ୱାରା ଆବଶ୍ୟକ ସମୟରେ ଛାତ୍ରଛାତ୍ରୀ ସମ୍ପୃକ୍ତ ଅଧିକାରୀଙ୍କ ସହ ସିଧାସଳଖ ଯୋଗାଯୋଗ କରିପାରିବେ । ନିର୍ଦ୍ଦେଶର ଅନୁପାଳନ ତଦାରଖ ପାଇଁ ଉଚ୍ଚଶିକ୍ଷା ବିଭାଗ ଆଂଚଳିକ ସ୍ତରରେ ଯାଂଚ ବ୍ୟବସ୍ଥା କରିଛି । ଓଡ଼ିଶାର ଉତର, ଦକ୍ଷିଣ, ପଶ୍ଚିମ ଓ ପୂର୍ବ ଆଂଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକର ଯାଂଚ ଏବଂ ଅଡିଟ୍ କରିବେ । ଯାଂଚ ସମୟରେ ଅନିବାର୍ଯ୍ୟ କମିଟିଗୁଡ଼ିକର ଉପଯୁକ୍ତ ଗଠନ କିମ୍ବା ପୁନର୍ଗଠନ କରାଯାଇଛି କି ନାହିଁ ଏବଂ ଛାତ୍ର ସୁରକ୍ଷା ଓ ଅଭିଯୋଗ ସମାଧାନ ସହ ଜଡ଼ିତ ବ୍ୟବସ୍ଥା ବାସ୍ତବରେ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହା ଯାଂଚ କରାଯିବ । ନିର୍ଦ୍ଧାରିତ ୭ ଦିନର ସମୟସୀମା ମଧ୍ୟରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରୁଥିବା କିମ୍ବା ପ୍ରଭାବଶାଳୀ ଓ କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାରେ ବିଫଳ ହେଉଥିବା ଅନୁଷ୍ଠାନ ବିରୋଧରେ ପ୍ରଶାସନିକ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ । ଉଚ୍ଚଶିକ୍ଷା ବିଭାଗର ଏହି ପଦକ୍ଷେପକୁ ନୂଆ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ, ସହଯୋଗାତ୍ମକ ଏବଂ ଉତରଦାୟୀ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି ।

# ଭାରତ ମା'ର ପଣତକାନି

◆ ଅନାମିକା ଦାସ

ଆଶାବାଡି ସାହାରାରେ ମୋ ନିତିଦିନିଆ ଜାଗାକୁ ଯାଉଥିବା ବେଳେ ନଜର ପଡିଲା କ୍ଲବ ଘର ବାହାରେ ଭିଡ ଜମେଇଥିବା କିଛି କୁକୁର, ବୁଲା ଷଣ୍ଢ ଓ ଗାଈଙ୍କ ଉପରେ । ଗୁଡେ ଅଇଁଠା ଖଲି, ବାସି ଫୁଲ ତା' ସହ ଗତ ରାତିର ବର୍ଷା ସେ ଅଳିଆରୁ ତୀବ୍ର ଦୁର୍ଗନ୍ଧ ଚାରିଆଡେ ଖେଳୁଥିଲା, ମୋ ଭଳି ଅନେକ ସେ ରାସ୍ତାରେ ଯାଉଥିଲେ, ନାକ ହାତ ଦେଇ ଆଗକୁ ବଢୁଥିଲେ । ମୁଁ କିନ୍ତୁ ବଢ଼ିପାରିଲିନି.... ମୋ ଆଖି ରହିଗଲା ସେ ଅଳିଆ ଗଦାରେ ମଇଳା ଘାଟିଂ ହୋଇ ପଡିଥିବା ମେଂଚାଏ ଛୋଟ ପ୍ଲାଷ୍ଟିକ ତ୍ରିରଙ୍ଗା ପତାକା ଉପରେ । ଛାତି ଭିତରଟା ଗୁଳି ମାଡ ଭଳି କଷ୍ଟ ହେଲା । ପାଖ ଦେଇ ଯାଉଥିବା ଜଣେ ଯୁବକକୁ କହିଲି ଭାଇରେ ସେ ପତାକାଗୁଡା କାଢ଼ିଆଣ ସେ ଅଳିଆ ଗଦାରୁ, ସେ ନଜର ପକେଇ ଦେଇ କହିଲା ପାଗଳ ବୁଢ଼ା ମୁଁ ସେ ଆବର୍ଜନାରୁ କାଢ଼ିବି ? ମୁଁ ହାତ ଧରି ପକେଇ କହିଲି ବାବୁରେ ସେ ପା' ଆମ ଦେଶର ଟେକ, ମାନ ମହତ, କାଲି ପନ୍ଦର ଅଗଷ୍ଟରେ ପୂଜା କଲ ଆଜି... ଯୁବକ ଜଣକ ମୋ ହାତ ଛାଟି ଦେଇ କହିଲେ ପାଗଳ ବୁଢ଼ା ଆର୍ମି ଭଳି ଛିଟ ବାଲା ସାର୍ଟଟେ ପିନ୍ଧିଛୁ ବୋଲି ବେଶୀ ଭାଷଣ ମାରୁଛୁ । ଆଉ ଯାଉ ଯାଉ ଗର ଗର ହେଇ କହୁଥାଏ ଗୋଟେ ଗୋଡ ନାହିଁ, ଭିକାରୀଟା ବୋଧେ ଦେଖ କି ସାହସ । ମୁଁ ସେ...



ତଡିବାର ବୃଥା ଚେଷ୍ଟା କରି ଗୋଟିଏ...
ଲାତରେ ଛାଟି ହେଇ ପଙ୍କ ରାସ୍ତାରେ...
ତା' ଉପରେ ବୟସ, ମୁହଁ ମାଡି ତଳେ...
ଟେକି ଧରିଥିଲି । ମୁଁ ଯେ ଦିନେ ସିପାହୀ...
ପରିଶ୍ରମ କରି ସିପାହୀଟେ ହେଇଥିଲି...
ଥିଲେ । ମୁଁ ଛୋଟ ଥିଲି ଥରେ ଛୁଟି...
ଶୁଣିଥିବା ସେ ଲଦାଖ ବର୍ଡର ବରଫ...
ସବୁ ଗବ ଭଳି ଲାଗୁଥିଲା । ମୁଁ ବି ଥରେ...
ମା' କଥା ଏତେ କହୁଛ ତାଙ୍କୁ କେବେ...
ହଁ ସବୁଦିନ, ସବୁ ମୁହୂର୍ତ ତାଙ୍କୁ ଦେଖେ...

ଭାରତ ମା'ର କାନି, ବରଫ ପାହାଡରେ ଧସିଯାଇଥିବା ମଣିଷଟେ କି ପଶୁଟେକୁ ଭିଡି ଆଣିଲା ପରେ ତା' ଆଖିର ସେ କରୁଣ, କୃତଜ୍ଞତା ଭରା ଚାହାଣୀରେ ଭାରତ ମା'କୁ ଦେଖିଛି, ତମ ମାନଙ୍କୁ ଛାଡି ଦେଶ ରୂପି ଏ ବଡ ପରିବାରକୁ ଶାନ୍ତିର ପରା ଭାରତ ମା'କୁ ଦେଖିଛି, ଅତ୍ୟାଧିକ ଥଣ୍ଡାରେ ବାହ୍ୟ ଶତ୍ରୁ ହାତରେ ଆମ ସିପାହୀ ଭାଇଟେ ସହିଦ ହେବା ବେଳେ ତା' ମୁହଁର ସେ ଗୌରବ ଉଜ୍ଜ୍ୱଳ ତେଜରେ ପରା ଭାରତ ମା'କୁ ଦେଖିଛି.... ଏମିତି ଅନେକ କଥା ବାପା କହି ଚାଲନ୍ତି ଆଉ ଶୁଣି ମତେ ଲାଗେ ମୁଁ ବି ବାପାଙ୍କ ସହ ଯାଆନ୍ତି ଭାରତ ମା'କୁ ଦେଖନ୍ତି । ବାପା ମତେ କୁହନ୍ତି ବାବୁରେ ଏଇଠି ରହିବି ତୁ ଭାରତ ମା'କୁ ଦେଖିପାରିବୁ । ଏ ଖୋଲା ଆକାଶ, ମନ ଖୋଲା ବୁଲା, ପର୍ବ-ପର୍ବାଣୀ, ଭାଇଚାରା ଏ ସବୁ ତ ଆମ ସ୍ୱାଧୀନ ଭାରତ ମା'..... ମୁଁ କିଛି ବୁଝି ପାରିନଥିଲି, ଆଉ ବାପା ଥରେ ଛୁଟିରେ ଆସି ଫେରିଲେ ଯେ ନା' ଚାକିରୀ ଜାଗାରେ ପହଂଚିଲେ ନା' ଆମ ପାଖକୁ ଫେରିଲେ । ମୋ ମା'ର ଗୋଟି ପୁଅ ତ ସେ ଆଉ ସେନା ଆଡେ ମତେ ଚାହିଁବାକୁ ବି ଦେଲାନି । ହେଲେ ଭାରତ ମା'କୁ ଅନୁଭବ କରିବାର ଯେଉଁ ଆଶାଟା ଥିଲା ସେଟା ଲାଗି ମୋ ଜନ୍ମ କଲା ମା' ବି ମତେ ରୋକି ପାରିଲାନି । ଆଉ ମୁଁ ଲାଗି ପଡି ସେନାରେ ଭର୍ତି ହେଲି । ବାପା ଯେହେତୁ ଛୁଟିରେ ଆସି ଆଉ ଫେରିନଥିଲେ ତ କୌଣସି ସରକାରୀ ସହାୟତା ଆମକୁ ମିଳିନଥିଲା କି ମୁଁ ଗର୍ବରେ କହିପାରୁନଥିଲି ମୁଁ ସୁବେଦାର ମହାନ୍ତିଙ୍କ ପୁଅ ବୋଲି । ଚିନ୍ ସୀମାରେ ମୋର ପୋଷ୍ଟିଙ୍ଗ ହେଇଥିଲା । ବହୁତ ଶୁଣିଥିଲି ସେ ସୀମାକୁ ସିପାହୀ ହରଭଜନ ସିଂହ ତାଙ୍କ ମୃତ୍ୟୁ ପରେ ବି ଜଗୁଥିଲେ । ରାତି ଡିୟୁଟି ବେଳେ ସଜାଗ ରହି ଅପେକ୍ଷା କରେ କେବେ ହରଭଜନ ସିଂହ ଦେଖାହୁଅନ୍ତେ କି ? ଆଉ ଥରେ ସୀମାରେ ବହୁଳ ଭାବେ ଦେଖାଦେଉଥିବା କୃଷ୍ଣସାର ମୃଗ ଗୋଟେ ସୀମାର ତାର ବାଡରେ ଲାଖିଯାଇଥିଲା, ତା ବିକଳ ଚାହାଣୀ ଦେଖି ମୁଁ ତାକୁ ତାରରୁ ଅଲଗା କରିବା ଲାଗି ବନ୍ଧୁକଟା ରଖି ଚେଷ୍ଟା କରୁଥିଲି । ସେ ବଡ ରଡି ଦେଉଥିଲା, ମୋର ସାଥି ସିପାହୀ ଜଣେ କିଛି ବୁଝି ନପାରି ରାତି ଅନ୍ଧାରରେ ବିପଦ ଭାବି ଗୁଳି ଚଳେଇ ଦେଲେ ଆଉ ମୋ ଗୋଡରେ ଗୁଳି ରହିଗଲା । ମୋ କଷ୍ଟଠାରୁ ସେ ମୃଗଟିର ମୁକ୍ତିର ଆନନ୍ଦ ଦେଖିବା ମତେ ଭଲ ଲାଗିଥିଲା । ଦୁର୍ଯୋଗକୁ ସେ ଗୁଳି ମୋ ଗୋଡ ହାଡରେ ପଶି ରହିଥିଲା, ବହୁ ଚିକିତ୍ସା ପରେ ବି ମୋ ଗୋଡ କାଟିବାକୁ ପଡିଥିଲା । ଆଉ ମୁଁ ଆଶାବାଡି ସାହାରାରେ ରହିଗଲି । ଯାହା ଟଙ୍କା ପାଇଥିଲି ସେଥିରେ ଗୋଟେ ଛୋଟ ଡ୍ରେସ ଦୋକାନ କରିଥିଲି, ଖାଲି ବିଭିନ୍ନ ସ୍କୁଲର ୟୁନିଫର୍ମ ରଖୁଥିଲି, ଆଉ ନିଜେ ସେନାରେ ନଥାଇ ବି ସ୍ଥଳ ସେନାର ପୋଷାକ ପିନ୍ଧିବା ଛାଡିନଥିଲି । ଏମିତି ବି ସମୟ ଆସିଲା ମତେ ଲୋକେ ଠକିଲେ, ବାପା କହିଯାଇଥିବା କଥା କି ସାହାଯ୍ୟ କଲେ ଅସୁବିଧାରେ ପଡିଥିବା ଲୋକର ଆଖିରେ ବି ଭାରତ ମା' ଦେଖିପାରିବୁ ! ଆଉ ଲୋକେ ମୋର ସେ ଦୁର୍ବଳତାକୁ ପାଗଳାମୀ ବୋଲି ଧରି ନେଇଥିଲେ । କାଲି ସ୍ୱାଧୀନତା ଦିବସ ଥିଲା ତା' ଚାରିଆଡେ ତ୍ରିରଙ୍ଗା ପତାକା ନା' ନା' ଭାରତ ମା'ର କାନି ଫର୍ ଫର୍ ହେଇ ଉଡୁଥିଲା । ଆଉ ଆଜି ଯେମିତି ମୁଁ, ପାଗଳ ଆଖ୍ୟା ପାଇ ବୁଲୁଛି, ଠିକ୍ ସେମିତି ମୋ ଭାରତ ମା'ର ପଣତ ମାଟି କାଦୁଅ, ଅଇଁଠାରେ ପଡିଛି । ଏମିତି ସବୁ ତଳେ ପଡି ଭାବୁଥିଲି, ଅପେକ୍ଷା କରିଥିଲି କେହି ମୋତେ ଧରି ଉଠେଇବେ.... ବହୁ ସମୟ ପରେ ବି କେହି ଅଟକିଲେନି କି ମୋତେ ଉଠେଇଲେନି, ସେ ଅଳିଆ ଗଦାରେ ଲାଗିଥିବା କୁକୁର ଗୁଡା ହଠାତ୍ କାମୁଡା କାମୁଡି ହେଲେ ଆଉ ଗାଈ, ଷଣ୍ଢ ଜୋରରେ ଦୌଡିବାକୁ ଲାଗିଲେ । ମୋ ମୁଣ୍ଡ, ପିଠି ସବୁ ଚକଟି ଦେଇଗଲେ, ତଥାପି ମୁଁ ଗୋଟେ ହାତ ଟେକି ସେ କୁନି ପତାକାଟିକୁ ଉପରକୁ କରି ପଡିଥିଲି, ମୋ କାନରୁ ରକ୍ତ ବୋହି ମାଟିରେ ମିଶୁଥିଲା, ଆଉ ହଠାତ୍ କେମିତି କେଜାଣି ମୋ ହାତରୁ ପତାକାଟି ଉଠିଯାଇ ଦୂରରେ ପଡିଲା, ସଙ୍ଗେ ସଙ୍ଗେ ଗାଈଟିଏ ପତାକାଟିକୁ ଚୋବେଇବା ଆରମ୍ଭ କଲା, ମୁଁ ସେ ପତାକାକୁ ବିକଳ ହେଇ ଦେଖୁଥାଏ, ସତେ ଯେମିତି ସେ ମତେ କହୁଥାଏ ମୁଁ ଆତ୍ମହତ୍ୟା କରୁଛି, ଏ ନିଃଶବ୍ଦ, ନିଃସ୍ଫଳ ସ୍ୱାଧୀନତା ଆତ୍ମହତ୍ୟା କରୁଛି...... ଆଉ ମୁଁ ବି ଆଉ ଉଠିବାକୁ ଚେଷ୍ଟା ନ କରି ସେମିତି ପଡି ରହି ଅପେକ୍ଷା କଲି କେତେବେଳେ ମୋ ଆତ୍ମାଟା ବି ସ୍ୱାଧୀନ ହେଇ ମା'ର ପଣତ ପାଖକୁ ଚାଲିଯିବ ।

*ପ୍ରଶାସନିକ ଅଧିକାରୀ-ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା-ମୋ-୭୦୦୮୩୯୬୬୫୪*

# ଅଶୀ ବର୍ଷରେ ଆମେ କେଉଁଠି ?

◆ ସୌର ଚନ୍ଦ୍ର ମହାପାତ୍ର

ସ୍ୱାଧୀନତାର ୭୯ ବର୍ଷ ବିତିଲା । ୮୦ ବର୍ଷ ଛୁଇଁଲା । ଦୀର୍ଘ ୭ ଦଶନ୍ଧିର ଯାତ୍ରା ପଥରେ ବହୁ ଉତାନପତନ ଦେଇ ଭାରତ ଆଗକୁ ଚାଲିଛି । କିନ୍ତୁ କେତେକ କ୍ଷେତ୍ରରେ ବିକାଶ ଘଟିବା ସହିତ ଅନ୍ୟ କେତେକ କ୍ଷେତ୍ରରେ ଆମେ ଯେଉଁଠି ଥିଲୁ ସେଇଠି ଅଛୁ । ଗତି ମନ୍ଥର ହୋଇଛି ପଛେ, ଦୃତ ହୋଇନାହିଁ । ନଗଡ଼ା ଅଛି, ନିର୍ଭୟା ଘଟଣାର ପୁନରାବୃତି ହେଉଛି ଓ ଶିଶୁ ଶ୍ରମିକ ଅଛନ୍ତି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ବ୍ୟବଧାନ ବଢ଼ି ବଢ଼ି ଚାଲିଛି । ପ୍ରାଚ୍ୟ ସଂସ୍କୃତିକୁ ଛାଡ଼ି ଏବେ ଭାରତୀୟମାନେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ପଛରେ ଧାଇଁବାରେ ଲାଗିଛନ୍ତି । କିନ୍ତୁ ଅନୁକରଣ ପରିବର୍ତେ ଏହା ଅନେକ ସମୟରେ ହନୁକରଣ ବୋଲି ପାଲଟିଛି ବୋଲି କୁହାଯାଇ ପାରେ । ଆମେ ଯେତିକି ଆଗକୁ ଯାଉଛେ, ସେତିକି ପଛକୁ ନ ଫେରୁଥିଲେ ମଧ୍ୟ କେତେକ କ୍ଷେତ୍ରରେ ବିକାଶ ଆଦୌ ଘଟୁନାହିଁ ବୋଲି କୁହାଯାଇ ପାରେ । ନଚେତ କେବିକେ ଯୋଜନା ହୋଇ ନଥାନ୍ତା କିମ୍ବା ନଗଡ଼ା ଯୋଜନା କାର୍ଯ୍ୟକାରୀ କରାଯାଇ ନଥାନ୍ତା । ଏହା ହେଉଛି ସ୍ୱାଧୀନ ଭାରତ ବର୍ଷର ଏକ ନିର୍ଦ୍ଦିଷ୍ଟ ଦୃଶ୍ୟପଟ୍ଟ । ଅନ୍ୟପଟେ ଆମେ ଦେଖୁ ବିଶ୍ୱସ୍ତରରେ ବହୁ ପ୍ରତିଯୋଗିତା ଚାଲିଛି । ସେହିସବୁ ସ୍ଥାନରେ ଭାରତୀୟମାନେ ଆଶାନୁରୂପ ସଫଳତା ଲାଭ କରି ପାରୁ ନାହାନ୍ତି । ବିଶେଷତଃ, କ୍ରୀଡ଼ା କ୍ଷେତ୍ରରେ ଭାରତର ସାମଗ୍ରିକ ବିଫଳତାକୁ ନେଇ ବିଦେଶରେ ଚର୍ଚ୍ଚା ହେଉଥିଲା ବେଳେ ଅଦ୍ୟାବଧି ଆମର ନିଦ ଭାଙ୍ଗିନାହିଁ କହିଲେ ଚଳେ । ପାଠକମାନଙ୍କୁ ଏହି ଅବସରରେ ଅଲିମ୍ପିକ୍ସ କ୍ରୀଡ଼ାର ଉଦାହରଣ ଦିଆଯାଇପାରେ । ୧୧୬ ବର୍ଷର ଅଲିମ୍ପିକ୍ସ ଇତିହାସରେ ଭାରତ ସର୍ବମୋଟ ୨୬ଟି ପଦକ ପାଇଛି । ତନ୍ମଧ୍ୟରୁ ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସରେ ଏକାଦିକ୍ରମେ ୬ଟି ପଦକ ମିଳିଥିଲାବେଳେ କୌଣସି ଗୋଟିଏ ମଧ୍ୟ ସ୍ୱର୍ଣ୍ଣ ପଦକ



ନଥିଲା । ବିଶ୍ୱରେ ଜନସଂଖ୍ୟା ଦୃଷ୍ଟିକୋଣରୁ ଭାରତ ହେଉଛି ଚୀନ ପରେ ଦ୍ୱିତୀୟ ଜନବହୁଳ ରାଷ୍ଟ୍ର । ଅଥଚ କ୍ରୀଡ଼ା କ୍ଷେତ୍ରରେ ଭାରତ ଏତେ ପଛରେ ପଡ଼ିବାର ଅସଲ କାରଣ କ'ଣ, ତାହା ଏପର୍ଯ୍ୟନ୍ତ ବୁଝା ପଡୁନାହିଁ । ଆମ ଦେଶରେ ମଧ୍ୟ ଏ ସମ୍ପର୍କରେ କୌଣସି କ୍ରୀଡ଼ାବିତ୍ କିମ୍ବା ବୁଦ୍ଧିଜୀବୀ ଅନୁଶୀଳନ କରିବା କିମ୍ବା ତର୍ଜମା କରିବା ଲାଗି ଆଗ୍ରହ ପ୍ରକାଶ କରୁନାହାନ୍ତି । ଅଥଚ ପଡ଼ୋଶୀ ରାଷ୍ଟ୍ର ଚୀନ ଏ ସମ୍ପର୍କରେ ନିକଟ ଅତୀତରେ ଅନୁଶୀଳନ କରି ଏହାର ଏକ ୱେବସାଇଟରେ ବିଫଳତାର କାରଣ ଗୁଡ଼ିକ ଉଲ୍ଲେଖ କରିଛି । ସେଗୁଡ଼ିକ ହେଲା ଏ ଦେଶରେ କ୍ରୀଡ଼ା ପାଇଁ ଭିତିଭୂମିର ଅଭାବ ଥିଲାବେଳେ ଖରାପ ସ୍ୱାସ୍ଥ୍ୟ ଯୋଗୁ ଖେଳାଳୀମାନେ ଆଶାନୁରୂପ ଫଳ ପ୍ରଦର୍ଶନ କରିବାରେ ଅସମର୍ଥ ହେଉଛନ୍ତି । ସେହିପରି ଦାରିଦ୍ର୍ୟ ମଧ୍ୟ ବାଧକ ସାଜୁଛି । ଏହା ବ୍ୟତୀତ କ୍ରୀଡ଼ା କ୍ଷେତ୍ରରେ ଅଧିକ ଝିଅଙ୍କୁ ଅଂଶଗ୍ରହଣ କରିବା ଲାଗି ସୁଯୋଗ ଦିଆ ନଯିବା ଏବଂ ପୁଅମାନଙ୍କୁ କ୍ରୀଡ଼ାବିତ୍ କରିବା ଅପେକ୍ଷା ଇଞ୍ଜିନିୟର କିମ୍ବା ଡାକ୍ତର ହେବା ପାଇଁ ବାପାମା'ମାନେ ସ୍ୱପ୍ନ ଦେଖିବା ଏଥିରେ ପ୍ରତିବନ୍ଧକ ରୂପେ ଉଭା ହୋଇଛି । ସେହିପରି ଭାରତରେ କ୍ରିକେଟର ଲୋକପ୍ରିୟତା ଗୋଟିଏ ପଟେ ବଢୁଥିବା ବେଳେ ଅନ୍ୟପଟେ ହକିର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି । ଅଲିମ୍ପିକ୍ସ କ୍ରୀଡ଼ା ନେଇ ଭାରତର ଗ୍ରାମା□ଳରେ ଜନସଚେତନତା ପ୍ରାୟତଃ ନାହିଁ । ଏଥିପାଇଁ ଯେତିକି ପ୍ରଚାର ଓ ପ୍ରସାର କରାଯିବା କଥା, ତାହା କରାଯାଉ ନାହିଁ ବୋଲି ଚୀନ ପକ୍ଷରୁ ପ୍ରକାଶ କରାଯାଇଛି । ଏପରିକି ଏହା ମଧ୍ୟ କୁହାଯାଇଛି ଯେ, କ୍ରୀଡ଼ାର ଭିତିଭୂମି ତିଆରି କରିବା ଏବଂ ପ୍ରତିଯୋଗିତାମୂଳକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଯେତିକି ଅର୍ଥ ବ୍ୟୟ ହେବା ଦରକାର, ତାହା ସରକାର କରୁନାହାନ୍ତି । ସ୍ୱାଧୀନତା ଦିବସ ଅବସରରେ ଏ ସମ୍ପର୍କରେ ସରକାର ଓ ଜନସାଧାରଣ ମାନସମନ୍ବୟ କରିବା ଜରୁରୀ । ତତ୍‌ସହିତ ଦେଶରେ ଶିକ୍ଷାର ବିକାଶ ଘଟାଇବା ସହ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଗଲେ, ପ୍ରତିଭାବାନ ଶିଶୁ ଖେଳାଳିମାନେ ଆଗକୁ ଯିବା ସମ୍ଭବପର ହେବ । ଭଗବାନ ଶ୍ରୀ ସତ୍ୟସାଇ ବାବା ସ୍ୱାଧୀନତାର ଅସଲ ଉପଲବ୍ଧି ସମ୍ପର୍କରେ କହିଛନ୍ତି ଦେଶକୁ ଭଲ ପାଇବା, ସମାଜକୁ ଭଲ ପାଇବା, ମାଆକୁ ଭଲ ପାଇବା ସର୍ବୋପରି ପରିବାରକୁ ଭଲ ପାଇ ଜଣେ ସୁନାଗରିକ ହୋଇ ସମାଜ ଓ ଦେଶରେ ସେବାରେ ନିଜକୁ ବ୍ରତୀ ରଖିବା । ଆଜି ସବୁଠି ସ୍ୱାଧୀନତା ଭିତରେ ପରାଧୀନତାର ଅନୁଭବ ଜଣାପଡୁଛି । ତେବେ ସବୁ କ୍ଷେତ୍ରରେ ଦେଶତନ୍ତ୍ର ସରକାର ଓ ପ୍ରଶାସନିକ ଚେତନା ଭିତରକୁ ଦାୟିତ୍ୱକୁ ଠେଲି ଦେଇ ଆମେ ଅସଲ ସ୍ୱାଧୀନତାର ଉପଲବ୍ଧି ପାଇପାରିବା କି ? ତେଣୁ ଏ କ୍ଷେତ୍ରରେ ପ୍ରତିଟି ଭାରତୀୟଙ୍କ ଗୁରୁ ଦାୟିତ୍ୱ ରହିଛି । ସମ୍ବିଧାନକୁ ସମ୍ମାନ ଜଣାଇ ନ୍ୟାୟ ପ୍ରଶାସନକୁ ସହଯୋଗ କରିବା ଓ ଜଣେ ଉତମ ନାଗରିକ ହୋଇପାରିଲେ ଯଥାର୍ଥ ଅନୁଭବ ହେବ ସ୍ୱାଧୀନତାର ଅନ୍ତର୍ନିହିତ ଉପଲବ୍ଧି କି ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ: ୯୪୩୭୦୦୪୪୬୬*

# ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ୱପ୍ନର ଭାରତ

◆ ଆଶୁତୋଷ ନାୟକ

ଏ ବର୍ଷ ଆମେ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛୁ । ଏହା ଆମ ୧୪୦ କୋଟି ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଦୀର୍ଘ ୨୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା । ସେମାନେ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ,ଶିଖ ଓ ଈଶାଇ ମଧ୍ୟରେ ବିବାଦର ସୂତ୍ରପାତ କରାଉଥିଲେ । ସେମାନଙ୍କ ମନ ଭିତରେ ହିଂସା ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରରେ ଆମ ଦେଶକୁ ବିଭାଜିତ କରିବା , ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ନିଜର ମନ୍ଦ ଉଦ୍ଦେଶ୍ୟ କୁ ଚରିତାର୍ଥ କରିବା ପାଇଁ ଇଂରେଜ ମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ,ବଳ ଓ କୌଶଳ ପ୍ରୟୋଗ କରିଥିଲେ । ଅନେକାଂଶରେ ସେମାନେ ନିଜ ଯୋଜନାରେ ସଫଳ ହୋଇଥିଲେ । ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭରେ କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥିଳ କରୁଥିଲେ । ସେହି ଦେଶଦ୍ରୋହୀ ମଧ୍ୟରେ ମୀରଜାଫର ,ଜୟଚନ୍ଦ୍ର,ଜୟ ଗୋପାଳ ଭଳି,, କିଛି ବିଶ୍ୱାସଘାତକ ଥିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାରେ ସହାୟ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର ,ହିଂସ୍ର ଓ ଅତ୍ୟାଚାରୀ ଇଂରେଜ ମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ,ଜୟୀ ରାଜଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆ ଟୋପେ, ରାଣୀ ଲକ୍ଷ୍ମୀବାୟୀଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଂଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର ।ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ ଅଛି । ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଂଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା । ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ ହେଉଛନ୍ତି । ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି । ସ୍ୱାଧୀନତା ପୂର୍ବର ରାଜନେତାଙ୍କ ପାଇଁ ରାଷ୍ଟ୍ର ସର୍ବୋପରି ଥିଲା । ରାଷ୍ଟ୍ରର ଉନ୍ନତି ପାଇଁ ସବୁକିଛି ତ୍ୟାଗ କରିବା ପାଇଁ ସେମାନେ ପ୍ରସ୍ତୁତ ଥିଲେ ।ନୀତି, ନୈତିକତା କୁ ସେମାନେ ସର୍ବଦା ପ୍ରାଧାନ୍ୟ ଦେଉଥିଲେ ।କିନ୍ତୁ ଅତ୍ୟନ୍ତ ଦୁଃଖ ଓବିଡମ୍ବନାର ବିଷୟ ଏହିକି ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଇଁ ନୀତି, ନୈତିକତା ଶବ୍ଦ ଶୈତାନର ବେଦପାଠ ସଦୃଶ ।କଳ, ବଳ, କୌଶଳ ପ୍ରୟୋଗ କରି ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ଆଜିର ରାଜନେତାଙ୍କ ମୁଖ୍ୟ ଲକ୍ଷ୍ୟ । ଏହା ଅପ୍ରିୟ ସତ୍ୟ । ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର । ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ,ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣ ରେ ବିନିଯୋଗ କରୁଛନ୍ତି । ଆମ ଦେଶର ଗରିବ ଓ ମଧ୍ୟବିତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଂଚି ଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି ।ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି ।ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି ।ଗୋଟିଏ ସାଧାରଣ ଗରିବ, ମଧ୍ୟବିତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ ' । ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଢାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ।ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ । ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା । ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇ ଥିଲା । ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି,ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇ ପାରିବ କିନ୍ତୁ ପରାଜିତ ନୁହଁ । ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ । ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା,ଉତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ । ଭୋଟ ବ୍ୟାଙ୍କ ଏବଂ କାଦୁଅ ଫିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଂଚିତ ହେଉଥିବା ଗରିବ ଓ ମଧ୍ୟବିତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ ।ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

*ଗୋପାଳପୁର, ବାଲେଶ୍ୱର, ୭୦୨୦୬୧୧୩୦୦*

# ଚେତନାର ଜ୍ୟୋତି



◆ ନିହାର ସାମଲ

ଏ ଜଡ଼ ଶରୀର ସଚେତନ କର
ମୋ ଜୀବନ ହେଉ ସତ୍ୟ ଓ ଶିବ,
ଅଶୁଭ ଆଶା କୁ ବିଖଣ୍ଡନ କର
ଶୁଣାଅ ପ୍ରଳୟ ରବ ।
ଅଜ୍ଞାନ ବନ୍ଧନ କର ବିଖଣ୍ଡନ,
ଆହେ ଦୁର୍ବାର ମୋହିନୀ,
ଅବତାରୀ ଆସ ଆଲୋକର ରାଣୀ,
ସର୍ବେ ଭର ଜ୍ଞାନ ଜ୍ୟୋତିର ବାଣୀ ।
ମିଥ୍ୟାର ପ୍ରଲେପ ଦୂରେଇ ଦିଅ ମା,
ସତ୍ୟର ପ୍ରଦୀପ ଜଳାଅ,
ଉଦ୍ଭ୍ରାନ୍ତ ପଥରେ ନ ହୁଡେ ଯେମିତି
ସତ୍ୟ ଧର୍ମର ପଥ ଦେଖାଅ ।
ମନରୁ ମୋହର ମଳିନତା ହରି,
ପ୍ରାଣେ ଭର ନବ ଶକ୍ତି,
ଅନ୍ଧାର ଭେଦି ଉଦୟ ହେଉ ମୋ
ଚିରନ୍ତନ ଚେତନା ଜ୍ୟୋତି ।
ହେ ଜନନୀ, ତୁମ ଦିବ୍ୟ ସ୍ପର୍ଶେ ପାଇ
ଜାଗୁ ଏ ମନ ପ୍ରାଣ,
ତୁମ ଆଲୋକ ରେ ଉଦ୍ଭାସିତ ହେଉ
ଏ ଧରଣୀ, ଏ ଜୀବନ ।

*ସିଦ୍ଧି ନଗର-୨, ମେଣ୍ଟାଶୋଳ, ବାଲେଶ୍ୱର, ଦୂରଭାଷ ନଂ:୯୪୩୭୭୬୯୮୬୮*





# ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ସେଂଟ ଜାଭିୟର୍ସ ସ୍କୁଲରେ ହର ଘର ତ୍ରିରଙ୍ଗା କାର୍ଯକ୍ରମ




ଜଳେଶ୍ୱର : (ନିପ୍ର ) ୮୦ ତମ ସ୍ୱାଧିନତା ଦିବସ ଉପଲକ୍ଷେ ହର ଘର ତ୍ରିରଙ୍ଗା କାର୍ଯକ୍ରମ ସେଂଟ ଜାଭିୟର୍ସ ସ୍କୁଲ ରେ ପାଳନ ହୋଇଅଛି । କାର୍ଯକ୍ରମ କୁ ବିକାଶ ପରିଷଦ ର ସଭାପତି କମଳ ଚକ୍ରବର୍ତୀ ଏବଂ ବିଦ୍ୟାଳୟ ର ପ୍ରତିଷ୍ଠାତା ବିରେନ୍ଦ୍ର ନାଥ ପାତ୍ର ମିଳିତ ଭାବେ ଉଦ୍ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ର ଅଧକ୍ଷ ବରୁଣ କୁମାର ଜେନା ସମସ୍ତଙ୍କୁ ସ୍ୱାଧୀନତାର ବାର୍ତା ପରିପ୍ରକାଶ କରିଥିଲେ । ବିକାଶ ପରିଷଦ ର ସମ୍ପାଦକ ମନୋରଞ୍ଜନ ଦାସ କାର୍ଯକ୍ରମ ର ଆଭିମୁଖ୍ୟ ପରିପ୍ରକାଶ କରିବା ସହିତ ଅଗଷ୍ଟ ୯ କ୍ରାନ୍ତି ଦିବସ ରେ ବାଲେଶ୍ୱର ର ଭେନ୍ୟା ପାରାଡାଇସ୍ ଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସମସ୍ତଙ୍କୁ ଜାତୀୟ ପତାକା ଦେଇ ହର ଘର ତ୍ରିରଙ୍ଗା କାର୍ଯକ୍ରମ କୁ ଉଦ୍ଘାଟନ କରିଥିଲେ । ସେହିଠାରୁ ଏହି କାର୍ଯକ୍ରମ ବାଲେଶ୍ୱର ଜିଲ୍ଲାରେ ବିକାଶ ପରିଷଦ ଦ୍ୱାରା ଅନୁଷ୍ଠିତ ହେଉଅଛି । ଆଜିର କାର୍ଯକ୍ରମ ରେ ସ୍କୁଲ ର କୁନି କୁନି ପିଲାମାନଙ୍କ ଦ୍ୱାରା ଜାତୀୟ ପତାକା ର ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ବିଦ୍ୟାଳୟ ର ଶିକ୍ଷୟିତ୍ରୀ ରୋଜାଲିନ ସାମଲ, ବିଦ୍ୟା ଦାସ ମହାପାତ୍ର, ସୁକାନ୍ତି ବାରିକ, ରଶ୍ମିତା ସାହୁ, ସସ୍ମିତା ରଣା, କନକଲତା ଚାନ୍ଦ ପରିଚାଳନା କରିଥିଲେ । ଶେଷରେ ବିକାଶ ପରିଷଦ ର କୋଷାଧକ୍ଷ ସୌଭିକ କୁମାର ଜେନା ସମସ୍ତଙ୍କୁ ମିଷ୍ଟାନ୍ନ ବଂଟନ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଖଡ଼ିଆଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଶିବିର

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭୋଟର ତାଲିକା ସମ୍ପର୍କିତ ଆପତି ଓ ଅଭିଯୋଗର ଶୁଣାଣି କରାଯିବା ସହ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭୋଟର ଉପସ୍ଥିତ ରହି ନିଜ ନିଜ ତଥ୍ୟ ଯାଂଚ୍ କରିବା ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ । ଭୋଟର ତାଲିକାରେ ନାମ ସଂଯୋଜନ, ବାଦ୍ ଦେବା କିମ୍ୱା ତଥ୍ୟ ସଂଶୋଧନ ଆବଶ୍ୟକ ଥିଲେ ସେ ସମ୍ପର୍କରେ ମଧ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା । ଏହି ଶିବିରରେ ବିଏଲ୍ଓମାନେ ଯୋଗଦେଇ ଭୋଟରମାନଙ୍କ ଠାରୁ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସଂଗ୍ରହ କରି ମୋବାଇଲ୍ ଆପ୍ ମାଧମରେ ଅପଲୋଡ୍ କରିବା ସହ ତାଲିକାଭୁକ୍ତ କରୁଛନ୍ତି । ଏଥିସହ ୨୦୦୨ ମସିହାର ଭୋଟର ତାଲିକାରେ ଥିବା ତଥ୍ୟକୁ ମଧ ଯାଂଚ୍ କରାଯାଇ ଆବଶ୍ୟକ ସୂଚନା ପ୍ରଦାନ କରାଯାଉଛି । ସୂଚନା ଅନୁସାରେ, ଆସନ୍ତା ସେପଟ୍ମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ତେଣୁ ସମସ୍ତ ନାଗରିକ ନିଜ ଭୋଟର ତାଲିକାରେ ଥିବା ତଥ୍ୟ ଯାଂଚ୍ କରି ଆବଶ୍ୟକ ସଂଶୋଧନ ପାଇଁ ସଠିକ୍ ତଥ୍ୟ ଓ କାଗଜପତ୍ର ପ୍ରଦାନ କରିବାକୁ ଆହ୍ୱାନ କରାଯାଇଛି ।

# ପୂର୍ଣ୍ଣଚନ୍ଦ୍ର ଉଚ୍ଚମାଧମିକ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ




ବାରିପଦା : (ସୁକାନ୍ତ ଜୀଉ ) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାଇବର ସେଫ୍ଟି ଆଣ୍ଡ ସିକ୍ୟୁରିଟି କ୍ୟାମ୍ପେନ ଓଡ଼ିଶା - ୨୦୨୬ ଅଧୀନରେ ଭଞ୍ଜପୁର ଥାନା ତରଫରୁ ରଘୁନାଥପୁର ସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧମିକ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ ଅନଲାଇନ ଠକେଇ, ସୋସିଆଲ ମିଡିଆର ଅପବ୍ୟବହାର, ସାଇବର ଅପରାଧ ଏବଂ ଡିଜିଟାଲ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇବା. କାର୍ଯ୍ୟକ୍ରମରେ ଭଞ୍ଜପୁର ଥାନାର ଭାରପ୍ରାପ୍ତ ପୋଲିସ ଇନସ୍ପେକ୍ଟର ରଶ୍ମିରଂଜନ ପୃଷ୍ଟି , ସବ-ଇନସ୍ପେକ୍ଟର ଚନ୍ଦନ କୁମାର ନାୟକ ଏବଂ ଅନ୍ୟ ପୋଲିସ ଅଧିକାରୀ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଏବଂ ତା'ର ପ୍ରତିକାର ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ. ସେମାନେ ଛାତ୍ରଛାତ୍ରୀ ମାନଙ୍କୁ ଓଟିପି ଶେୟାର ନକରିବା, ଅଜଣା ଲିଙ୍କ ଉପରେ କ୍ଲିକ ନକରିବା ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ. ଏହି ଅବସରରେ ବିଦ୍ୟାଳୟର ସଭାପତି ଇଞ୍ଜିନିୟର ପ୍ରଭାସ କୁମାର ଦାସ, ଅଧକ୍ଷା ଅଙ୍କିତା ବାରିକ ଏବଂ ଶୈକ୍ଷିକ ମୁଖ୍ୟ ଡ. ଆଦର୍ଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ.

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନନ୍ଦବଜାର ଉଚ୍ଚ ମାଧମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ : ଜାତୀୟ ଆଇନ ସେବା ପ୍ରାଧିକରଣ , ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଏବଂ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ , ଶିଶୁ ସୁରକ୍ଷା ଅଧିକାରୀ , ବିଦ୍ୟାଳୟର ପ୍ରଧାନଶିକ୍ଷକ , ଯୋଗ ଦେଇ ସମସ୍ତ ଯୁବକ ମାନଙ୍କୁ ସମାଜର ଉନ୍ନତିରେ ସାମିଲ କରାଇ ସାମାଜିକ, ରାଜନୀତିକ, ଅର୍ଥନୀତିକ କ୍ଷେତ୍ରରେ ଯୁବ ପିଢିଙ୍କୁ ସୁଯୋଗ ଦେବା ତଥା ଯୁବ ନାଗରିକଙ୍କୁ ଅଗ୍ରାଧିକାର ଦେବା , ଜାଗୃତି ଯୋଜନା, ୨୦୨୫ ଅନୁର୍ଗତ 'ସଶକ୍ତ ଯୁବ ସଶକ୍ତ ଭାରତ' ଥିମ୍ ଅନ୍ତର୍ଗତ ଶିଶୁ କଲ୍ୟାଣ ସଚେତନତା ଅଭିଯାନ - ଆଇନଗତ ସାକ୍ଷରତା, କିଶୋର ନ୍ୟାୟ ଏବଂ ଯୁବପିଢ଼ିଙ୍କ ପାଇଁ ନ୍ୟାୟ ପାଇବା କମିଟିକୁ ପ୍ରୋତ୍ସାହିତ କରିବା , ଆଗାମୀ ଯୁବ ସମାଜର ପିଢୀ ତେଣୁ ପଥଭ୍ରଷ୍ଟ ନ ହୋଇ ଖରାପ କାର୍ଯ୍ୟ ଠାରୁ ଦୂରେଇ ରହିବା ସହିତ ନିଶା ସେବନ ଦ୍ୱାରା କବଳିତ ଯୁବକମାନେ ଯେଉଁପରି ଭାବେ ନିଜର ତଥା ସମାଜର ଅହିତ ସାଧନ କରୁଛନ୍ତି ସେସବୁକୁ ଖରାପ ଅଭ୍ୟାସକୁ ବର୍ଜନ କରି ଏକ ଉତମ ସମାଜ ଗଠନରେ ମୁଖ୍ୟ ଭୂମିକା ତୁଲାଇବା ପାଇଁ ସଂକଳ୍ପ ନେବା । । ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ ।

# ନଦୀ ପଠାରେ ଫଶିଥିବା ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଭୁବନ : (ହି.ସ.)- ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଂଚାୟତ ଗୋବିନ୍ଦପୁର ଗ୍ରାମରେ ଜନୈକ ଯୁବକ କାଠ ଆଣିବାକୁ ଯାଇ ନଦୀ କୁଦରେ ଫଶି ଯାଇଥିଲେ କ୍ଷ ଅଜି ସକାଳ ସମୟରେ ଗୋବିନ୍ଦପୁର ଗ୍ରାମର ଦୁଇ ଯୁବକ ମିଥୁନ ମଲିକ୍ ଓ ଦେବାଶିଷ ଦାସ ବନ୍ୟାରେ ବ୍ରାହ୍ମଣୀ ନଦୀରେ କାଠ ଆସୁଥିବା ଜାଣି ନଦୀକୁ ଯାଇଥିଲେ ଓ କିଛି ସମୟ ଭିତରେ ନଦୀରେ ମାତ୍ରାଧିକ ପାଣି ଆସିବାରୁ ଚତୁଃପାର୍ଶ୍ୱରେ ପାଣି ଘେରି ଯାଇଥିଲା ଓ ଦୁଇ ଜଣ ରହିଯାଇଥିଲେ । ମିଥୁନ ସାହସ କରି ପହଁରି ଆସିଥିବା ବେଳେ ଅନ୍ୟ ଜଣକ ଆସିପାରି ନଥିଲେ । କୁଦରେ ଜଣେ ରହିଯାଇଥିବା ସମ୍ପର୍କରେ ଲୋକଙ୍କୁ କହିବା ସହ ଅଗ୍ନିଶମ ବାହିନୀଙ୍କୁ ଫୋନ କରି ଜଣାଇଥିଲେ । ଘଟଣାସ୍ଥଳରେ ଭୁବନ ଅଗ୍ନିଶମ ବାହିନୀ ପହଂଚି ବୋଟ ସାହାଯ୍ୟରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏହି ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀର ମୁଖ୍ୟ ଅଗ୍ନି ଯୋଦ୍ଧା ସୁଶାନ୍ତ କୁମାର ରାଉତ, ଜିତେନ୍ଦ୍ର କୁମାର ସ୍ୱାଇଁ, ରାଜ କିଶୋର ମହାନ୍ତି, ମୁନା ସାହୁ, ଅଖିଳ ମୋହନ ପରିଡା, ଅଲେଖ ରାଉତ, ମାନସ ରଞ୍ଜନ ବେହେରା ଓ ସ୍ଥାନୀୟ ଲୋକ ସହଯୋଗ କରିଥିଲେ ।

# ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ ଦ୍ୱିତୀୟ ପୁଣ୍ୟତିଥି ପାଳିତ

ମାଲକାନଗିରି : (ହି.ସ.) ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ ଦ୍ୱିତୀୟ ପୁଣ୍ୟତିଥି ଅବସରରେ କୁଡୁମୁଲୁଗୁମ୍ମା ସ୍ଥିତ ତାଙ୍କ ପ୍ରତିମୂର୍ତି ନିକଟରେ ମାଲ୍ୟାର୍ପଣ ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷକ ଓ ସାମ୍ବାଦିକମାନେ ଉପସ୍ଥିତ ରହି ସ୍ୱର୍ଗତ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ । କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ନାୟକ, ଡାର୍ୱିନ୍ ମେମୋରିଆଲ ଡିଗ୍ରୀ କଲେଜର ଅଧକ୍ଷ ଅଶୋକ କୁମାର ପ୍ରଧାନ, ଓଡ଼ିଆ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, କୁଡୁମୁଲୁଗୁମ୍ମା ଶିକ୍ଷକ ସଂଘର ସଭାପତି ରମେଶ ଚନ୍ଦ୍ର ନେଲୁରୁ, ସମ୍ପାଦକ ବ୍ରଜ ନାରାୟଣ ଦାସ, ଉମା ଶଙ୍କର ଦାସ, କର୍ଣ୍ଣ ଭତ୍ରା, ଖଇରପୁଟରୁ ସମାଜସେବୀ ଆନନ୍ଦ ଚାର୍କି, ଗ୍ରାମର ବୁଦ୍ଧିଜୀବୀ ବିରୂପାକ୍ଷ ସ୍ୱାଇଁ, କୁଗୋଳ କିଶୋର ସ୍ୱାଇଁ, ସାହିତ୍ୟିକ ଦୀପକ କୁମାର ବଳ, ସୁରେନ୍ଦ୍ର କୁମାର ପ୍ରଧାନ, ନିତ୍ୟା ମଲ୍ଲିକ, ବାବୁଲି ମହମ୍ମଦ, ଶୁଭଶ୍ରୀ ସେଠୀ ଓ ଅର୍ଚ୍ଚନା ଜେନା ପ୍ରମୁଖ ଯୋଗଦେଇଥିଲେ । ସେହିପରି ସାମ୍ବାଦିକ ପ୍ରତିନିଧି ଭଗବାନ ସାହୁ, ଜ୍ୟୋତି ରଞ୍ଜନ ବେହେରା, ଗଣେଶ ପ୍ରସାଦ ଦାସ ଓ ହିମାଂଶୁ ଶେଖର ସ୍ୱାଇଁ ମଧ ଉପସ୍ଥିତ ଥିଲେ । କବି ବଳରାମ ପୂଜାରୀଙ୍କ ପରିବାର ପକ୍ଷରୁ ତାଙ୍କ ପୁଅ ରୁଦ୍ରାଭିଷେକ ପୂଜାରୀ ଓ ପତ୍ନୀ ପୁଷ୍ପାଞ୍ଜଳି ରଣା ଉପସ୍ଥିତ ରହିଥିଲେ । ଉପସ୍ଥିତ ବ୍ୟକ୍ତିମାନେ କବି ବଳରାମ ପୂଜାରୀଙ୍କ ସାହିତ୍ୟ ସାଧନା, ସମାଜ ପ୍ରତି ତାଙ୍କ ଅବଦାନ ଏବଂ ତାଙ୍କର ସ୍ମୃତିଚାରଣ କରିଥିଲେ । ତାଙ୍କ ସାହିତ୍ୟିକ ସୃଷ୍ଟି ଓ ଆଦର୍ଶକୁ ଆଗାମୀ ପିଢ଼ି ପାଖରେ ପହଂଚାଇବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ମତ ପ୍ରକାଶ ପାଇଥିଲା । ଶୋକସଭାରେ ଉପସ୍ଥିତ ସମସ୍ତେ ସ୍ୱର୍ଗତ କବି ବଳରାମ ପୂଜାରୀଙ୍କ ଅମର ଆତ୍ମାର ସଦ୍ଗତି କାମନା କରିବା ସହ ତାଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇଥିଲେ ।

# ଖଡ଼ିଆଳ ବିଜ୍ଞାପିତ ଅଂଚଳ ପକ୍ଷରୁ 'ହର ଘର ତ୍ରିରଙ୍ଗା' ବାଇକ୍ ଶୋଭାଯାତ୍ରା



ନୂଆପଡ଼ା (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପକ୍ଷରୁ 'ହର ଘର ତ୍ରିରଙ୍ଗା' ବାଇକ୍ ଶୋଭାଯାତ୍ରା ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ (ଏନ୍ଏସି) ଅଧକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଦେଶ ପ୍ରତି ସମ୍ମାନ, ଭାରତ ମାତାଙ୍କ ପ୍ରତି ସ୍ୱାଭିମାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତ ପ୍ରତି ଦେଶପ୍ରେମ ବୃଦ୍ଧି କରିବା ନେଇ ସେ ବାର୍ତା ଦେଇଥିଲେ । ଏହି ବାଇକ୍ ରେଲି ଖଡ଼ିଆଳ ଏନ୍ଏସିର ୧୩ ଗୋଟି ୱାର୍ଡ ପରିକ୍ରମା କରିବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ବଂଟନ କରିଥିଲା । ଏଥିସହ ତ୍ରିରଙ୍ଗା ପତାକାର ମହତ୍ୱ ଓ ସମ୍ମାନ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଜୟରାମ କୈବର୍ତ, ବିଜେପି ଜିଲ୍ଲା ଯୁବ ସଭାପତି ଜ୍ଞାନ ପ୍ରକାଶ ମେଘ, ବରିଷ୍ଠ ନେତା ଅଭିନନ୍ଦନ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ମନୋଜ ପଟ୍ଟନାୟକ, ଦେବ ଦେବ ସିଂ ଦେଓ, ଶୁକ୍କୁ ବାଗ, ସଦାନନ୍ଦ ଯୋଶୀଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟମାନେ ଉପସ୍ଥିତ ଥିଲେ ।

# ବନ୍ୟପ୍ରାଣୀ ସପ୍ତାହ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା

ନୂଆପଡ଼ା : (ହି.ସ.) - ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଖଡ଼ିଆଳ ବନାଚଂଳ ଆନୁକୂଲ୍ୟରେ ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ—ଦୁଇଟି ବିଭାଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । କନିଷ୍ଠ ବିଭାଗ ପାଇଁ 'ପ୍ରକୃତି ପାଇଁ ମଣିଷ' ଏବଂ ବରିଷ୍ଠ ବିଭାଗ ପାଇଁ 'ପ୍ରକୃତି ଭିତରେ ମଣିଷ' ଶୀର୍ଷକ ରଖାଯାଇଥିଲା । ଛାତ୍ରଛାତ୍ରୀମାନେ ନିଜ ଚିତ୍ର ମାଧମରେ ପ୍ରକୃତି ସୁରକ୍ଷା, ପରିବେଶ ସଂରକ୍ଷଣ ଓ ମଣିଷ-ପ୍ରକୃତିର ସମ୍ପର୍କକୁ ପ୍ରକାଶ କରିଥିଲେ । ଏହି ପ୍ରତିଯୋଗିତାରେ ଖଡ଼ିଆଳ ଅଂଚଳର ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ, ବନପାଳ ସୁଦାମ କୁମାର ବାଗ, ବନରକ୍ଷୀ ପରମାନନ୍ଦ ତାଣ୍ଡି, ତପସ୍ୱିନୀ ସାଗର, ସଂଯୁକ୍ତା ନେତାମ ଓ ଜୟନ୍ତୀ ମାଝୀ ପରିଚାଳନା କରିଥିଲେ । ଏଭଳି କାର୍ଯ୍ୟକ୍ରମ ମାଧମରେ କୁନି କୁନି ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

# ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲ ଉପରେ ସଚେତନତା କାର୍ଯ୍ୟକ୍ରମ



ନୂଆପଡ଼ା (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅନ୍ତର୍ଗତ ପିଏମ୍ ଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟ, ଛତା ପରିସରରେ "ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର ଏବଂ ସ୍ଥାୟୀ ତୀବ୍ରୀକରଣ" ଯୋଜନା ଅଧୀନରେ ଏକ ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସି.ପି.ଏସ୍.ଡବ୍ଲ୍ୟୁ.', କେନ୍ଦୁଭଟା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋମନା ବ୍ଲକ୍ର ସହକାରୀ କୃଷି ଅଧିକାରୀ ସୌଦାମିନୀ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମା ପ୍ରଧାନ ଏବଂ ଲଖନଲାଲ ମୀନା ସମ୍ପାଦକ (ରିସୋର୍ସ ପର୍ସନ) ଭାବେ ଯୋଗଦେଇ ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ଗୁରୁତ୍ୱ, ପୁଷ୍ଟିଗୁଣ, ପାରମ୍ପରିକ ଓ ସାଂସ୍କୃତିକ ମହତ୍ୱ, ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୬୦ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧରେ ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲ ଉପରେ ବିତର୍କ, ପାରମ୍ପରିକ ଖାଦ୍ୟ ଲେଖନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା ।

# ଝାରସୁଗୁଡା ହକି ଆସୋସିଏସନର ନିଜସ୍ୱ ଜମିର ପଟ୍ଟା ମିଳିଲା

ଝାରସୁଗୁଡା : କଟାପାଲି ଠାରେ ଥିବା ହକି ଆସୋସିଏସନର ଖେଳ ପଡିଆ,ଅଫିସ ଗୃହର ସମସ୍ତ ଜମିର ପଟ୍ଟା ଆଜି ଝାରସୁଗୁଡ଼ା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାରଙ୍କ ଠାରୁ ଗ୍ରହଣ କରିଛନ୍ତି । ୪ ଏକର ୮୦୦ ଡ଼େସିମିଲ ଜମି ହକି ଷ୍ଟାଡ଼ିୟମର ଗ୍ୟାଲେରୀ, ଅଫିସ ଗୃହ,ହଷ୍ଟେଲ,୫-ଏ ସାଇଡ଼ ଷ୍ଟାଡ଼ିୟମ ପାଇଁ ନିରୁପିତ କରାଯାଇ ଗତ ୩ ବର୍ଷରୁ ଉର୍ଦ୍ଧ୍ୱ ହେଲା ଆବେଦନ କରାଯାଇଥିଲା । କିନ୍ତୁ ତତ୍କାଳୀନ କ୍ରୀଡ଼ା ଅଧିକାରୀ ପକ୍ଷରୁ ଉଚିତ ପଦକ୍ଷେପ ନ ହେବାରୁ ତାହା ଆବେଦନ ହୋଇ ନଥିଲା କିନ୍ତୁ ଗତ ୧ ବର୍ଷ ମଧ୍ୟରେ ହକି ଆସୋସିଏସନ ତରଫରୁ ନୂତନ ଭାବରେ ଆବେଦନ କରି ଓଡିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ଶ୍ରୀ ସୁରେଶ ପୁଜାରୀଙ୍କର ପ୍ରତ୍ୟକ୍ଷ ଚେଷ୍ଟାରେ ତାହା ଆଜି ସଫଳ ହୋଇଛି । ସେଥି ପାଇଁ ଜିଲ୍ଲା ହକି ଆସୋସିଏସନ ତରଫରୁ ଓଡିଶା ହକି ଆସୋସିଏସନର ଉପ-ସଭାପତି ତଥା ଜିଲ୍ଲା ହକି ଆସୋସିଏସନର ର ସଭ୍ୟ ଜୀବନ ମହାନ୍ତି ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀ,ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଅନ୍ତରର ସହିତ କୃତଜ୍ଞତା ଜଣାଇଛନ୍ତି । ଏଠାରେ ସୁଚନା ଯୋଗ୍ୟ ଯେ ଗତ ୨୦୨୨ ମସିହାରେ ଜିଲ୍ଲା ଖଣିଜ ପାଣ୍ଠିରୁ ତତକାଳୀନ ସଂସଦ ଓ ବର୍ତମାନର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୁଜାରୀ ଏବଂ ପୂର୍ବତନ ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ ହକି ଷ୍ଟାଡ଼ିୟମ ନିର୍ମାଣ ପାଇଁ ତତକାଳୀନ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଚେଷ୍ଟାରେ ୧୦ କୋଟି ଟଙ୍କା ଡି.ଏମ.ଏଫ ପାଣ୍ଠିରୁ ମଞ୍ଜୁରୀ କରାଯାଇ ଥିଲା । କିନ୍ତୁ ଦୁଇବର୍ଷଧରି ଫାଇଲରେ ଦବି ରହି ଯାଇ ଥିଲା । ପରବର୍ତୀ ସମୟରେ ଶ୍ରୀ ପୁଜାରୀ ରାଜସ୍ୱ ମନ୍ତ୍ରୀଙ୍କ ଚେଷ୍ଟା ତତକାଳୀନ ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେଙ୍କର ପ୍ରତ୍ୟକ୍ଷ ପଦକ୍ଷେପ ଯୋଗୁ ଆଜି ଟର୍ଫ କାର୍ଯ୍ୟ ହୋଇ ପାରିଛି । ବର୍ତମାନ ଝାରସୁଗୁଡ଼ା ଜିଲ୍ଲାରେ ୧୨୦୦ରୁ ଉର୍ଦ୍ଧ୍ୱ ହକି ଖେଳିବା ପାଇଁ ପଞ୍ଜିକୃତ କରିଥିବା ବେଳେ ସକାଳ ଏବଂ ସଂଧ୍ୟାରେ ୫୦ରୁ ଉର୍ଦ୍ଧ୍ୱ ଖେଳାଳି ଖେଳିବା ପାଇଁ ଷ୍ଟାଡିୟମ କୁ ଆସୁଛନ୍ତି । ଗତ ୪ ବର୍ଷ ମଧ୍ୟରେ ଜିଲ୍ଲାରୁ ୬ ଜଣ ବାଳକ ବାଳିକା ରାଜ୍ୟସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ଓଡିଶା ତରଫରୁ ପ୍ରତିନିଧିତ୍ୱ କରିଛନ୍ତି । ଏବଂ ପ୍ରତେିକ ବର୍ଷ ସବଜୁନିୟର,ଜୁନିୟର,ସିନିୟର ବାଳକ,ବାଳିକା ଦଳରେ ମୋଟ ୯୬ ଜଣ ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଶଂଶ ଗ୍ରହଣ କରୁଛନ୍ତି । ହକି ଆସୋସିଏସନ ତରଫରୁ ୩୫ଟି ସ୍କୁଲରେ ବିଭିନ୍ନ ଶିକ୍ଷାନୁଷ୍ଠାନର ସି.ଏସ.ଆର ପାଣ୍ଠିରୁ ବ୍ରଜରାଜନଗର ବିଧାୟକଙ୍କ ଚେଷ୍ଟାରେ ସମସ୍ତ ହକି ସରଞ୍ଜାମ ବିଭିନ୍ନ ସ୍କୁଲ ମାନଙ୍କୁ ବଂଟନ କରାଯାଇଛି । ବର୍ତମାନ ଜିଲ୍ଲାରେ ହକି ଆସୋସିଏସନର ଚେଷ୍ଟାରେ ଖେଲୋ ଇଣ୍ଡିଆ ହକିର ସେ□ର ପାଇଁ ସାଇ ଚିଠି ନମ୍ବର ୨୨୯୪୧ ତା ୧୫-୦୭ - ୨୦୨୬ ମଞ୍ଜୁରୀ ପ୍ରାପ୍ତ ହୋଇଛି ।। ହକି ଖେଳ ପ୍ରତି ଆଗ୍ରହ ବଢିବାରେ ଲାଗିଛି । ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା ଙ୍କ ଚେଷ୍ଟାରେ ଗ୍ୟାଲେରୀ ଏବଂ ହଷ୍ଟେଲ ପାଇଁ ଉଦ୍ୟମ ଜାରି ରହିଛି ।

# ଆଇଡିଏସଏସସି ୨୦୨୬ରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜେୟୁଓ ପ୍ରଭାତ ହରିଜନଙ୍କ ଉଲ୍ଲେଖନୀୟ ସଫଳତା

ଜୟପୁର : (ହି.ସ.)- ଇଂଟର ଡାଇରେକ୍ଟୋରେଟ୍ ସ୍ପୋର୍ଟସ୍ ଶୁଟିଂ ଚାମ୍ପିୟନଶିପ୍ ୨୦୨୬ରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର ଜେୟୁଓ ପ୍ରଭାତ ହରିଜନ ଓଡ଼ିଶା ଡାଇରେକ୍ଟୋରେଟ୍ ପକ୍ଷରୁ ଅଂଶଗ୍ରହଣ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ସେ ୧୫ ଓଡ଼ିଶା ବାଟାଲିୟନ୍ ଏନସିସି, ଜୟପୁରର କ୍ୟାଡେଟ୍ ଭାବେ ଏହି ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେଇଥିଲେ । ପ୍ରଥମେ ୬(ଓ) ବିଏନ ଏନସିସି, ପୁରୀଠାରେ ୨୦ ମେରୁ ୩୦ ମେ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଇଂଟର ୟୁନିଟ କଂପିଟିସନ(ଆଇୟୁସି)-୧ ଏବଂ ୨ ଶିବିରରେ ମୋଟ ୭୫ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ । ସେଥିରୁ ୨୪ ଜଣ କ୍ୟାଡେଟ୍ ବ୍ରହ୍ମପୁର ଗ୍ରୁପ୍ ଟିମ୍ ପାଇଁ ଚୟନିତ ହୋଇଥିଲେ, ଯେଉଁଥିରେ ପ୍ରଭାତ ହରିଜନ ମଧ ସ୍ଥାନ ପାଇଥିଲେ । ପରବର୍ତୀ ସମୟରେ ୧୪(ଓ) ବିଏନ ଏନସିସି , କେନ୍ଦୁଝରଠାରେ ୧ ଜୁନରୁ ୧୦ ଜୁନ ପର୍ଯ୍ୟନ୍ତ ଅନୁଷ୍ଠିତ ଇଂଟର ଗ୍ରୁପ କଂପିଟିସନ(ଆଇଜିସି)-୧ରେ ବ୍ରହ୍ମପୁର, ସମ୍ବଲପୁର ଓ କଟକ ଗ୍ରୁପ୍ର କ୍ୟାଡେଟ୍ ମାନେ ଅଂଶଗ୍ରହଣ କରିଥିଲେ । ୯୦୦ ପଏଂଟ ର ଏହି ପ୍ରତିଯୋଗିତାରେ ପ୍ରଭାତ ୬୯୦ ପଏଂଟ ହାସଲ କରି ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ । ଏହାପରେ ୧୧ ଜୁନରୁ ୨୪ ଜୁନ ପର୍ଯ୍ୟନ୍ତ ୧୪(ଓ) ବିଏନ ଏନସିସି , କେନ୍ଦୁଝରଠାରେ ଅନୁଷ୍ଠିତ ଆଇଜିସି-୨ ଶିବିରରେ ମଧ ସେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ । ୩୦୦ ପଏଂଟରୁ ସେ ୨୬୩ ପଏଂଟ ହାସଲ କରି ୮ ଏସଡି ଓ ୮ ଏସଡବ୍ଲୁ ଓଡ଼ିଶା ଡାଇରେକ୍ଟୋରେଟ୍ ଟିମ୍ ପାଇଁ ଚୟନିତ ହୋଇଥିଲେ । ପରେ ୨୬ ଜୁନରୁ ୧୮ ଜୁଲାଇ ପର୍ଯ୍ୟନ୍ତ ପାଇଁ ବିଶେଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଶେଷରେ ତାମିଲନାଡୁର ତିରୁଚିରାପଲ୍ଲୀସ୍ଥିତ କେ. ରାମକୃଷ୍ଣ କଲେଜ ଅଫ ଟେକ୍ନୋଲୋଜି ଠାରେ ୨୧ ଜୁଲାଇରୁ ୩ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆଇଡିଏସଏସସି–୨୦୨୬ ଜାତୀୟ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର ୧୭ଟି ଡାଇରେକ୍ଟୋରେଟ୍ ରୁ ୩୪୦ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ । ଏହି ଜାତୀୟ ସ୍ତରର ଶୁଟିଂ ପ୍ରତିଯୋଗିତାରେ ପ୍ରଭାତ ୬୦୦ରୁ ୫୫୪ ପଏଂଟ ହାସଲ କରି ନିଜର ଦକ୍ଷତାର ପରିଚୟ ଦେଇଛନ୍ତି । ଏହି ସଫଳତା ପାଇଁ ପ୍ରଭାତ ହରିଜନ ୧୫ ଓଡ଼ିଶା ବାଟାଲିୟନ୍ ଏନସି ସି ର କମାଣ୍ଡିଂ ଅଫିସର୍ ଲେଫ୍ଟନାଂଟ କର୍ଣ୍ଣେଲ୍ ପ୍ରିତି ରଞ୍ଜନ ଦାସଙ୍କ ମାର୍ଗଦର୍ଶନ ଓ ପ୍ରେରଣାକୁ ଶ୍ରେୟ ଦେଇଛନ୍ତି । ଏଥିସହ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କ୍ୟାପଟେନ୍ ଡଃ. ଲକ୍ଷ୍ମଣ ପାତ୍ର, ରେଜିଷ୍ଟ୍ରାର୍ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଏବଂ କୁଳପତି ପ୍ରଫେସର୍ ହୃଷୀକେଶ ସେନାପତିଙ୍କ ସହଯୋଗ, ଆଶୀର୍ବାଦ ଓ ପ୍ରେରଣା ପାଇଁ ସେ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ପ୍ରଭାତଙ୍କ ଏହି ସଫଳତା ପାଇଁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଓ ୧୫ ଓଡ଼ିଶା ବାଟାଲିୟନ୍ ଏନସିସି ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ।

# ଏମ.ଏସ.ଏମ.ଇ.ର ସୁଦୃଢ଼ୀକରଣ ପାଇଁ ସଂସ୍କାରର ନୂଆ ଅଧ୍ୟାୟ

ସଂସଦର ଉଭୟ ଗୃହ ଦ୍ୱାରା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬ ଗୃହୀତ ହେବା, ଦ୍ରୁତ ଗତିରେ ବିକଶିତ ହେଉଥିବା ଇକୋସିଷ୍ଟମ ସହିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ପାଇଁ ଭାରତର ଆଇନଗତ ଢାଂଚା ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୂଳ ଆଇନ ପ୍ରଣୟନ ପରଠାରୁ ଗତ ଦୁଇ ଦଶନ୍ଧି ମଧ୍ୟରେ, ଲକ୍ଷ ଲକ୍ଷ ଉଦ୍ୟୋଗ ଆନୁଷ୍ଠାନିକ ଅର୍ଥନୀତିରେ ପ୍ରବେଶ କରିଛନ୍ତି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ଜାତୀୟ ଅଭିବୃଦ୍ଧି, ରପ୍ତାନି ଏବଂ ନିଯୁକ୍ତି ସୃଷ୍ଟିରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ପାଲଟିଛନ୍ତି । ବର୍ତ୍ତମାନ ଏଥିରେ ଆବଶ୍ୟକ ସଂଶୋଧନ ଏମ.ଏସ.ଏମ.ଇ ଇକୋସିଷ୍ଟମକୁ ଅଧିକ ପ୍ରତିକ୍ରିୟାଶୀଳ ଏବଂ ବିଶ୍ୱାସଭିତ୍ତିକ କରିବାକୁ ଚେଷ୍ଟା କରେ । ଏହା ପଞ୍ଜିକରଣକୁ ସରଳ, ବର୍ଗୀକରଣ ନମନୀୟ, ଋଣର ପ୍ରବେଶ ଏବଂ ସମୟୋଚିତ ଦେୟକୁ ସହଜ, ବିବାଦ ସମାଧାନ ଡିଜିଟାଲ୍ ଏବଂ ଦ୍ରୁତ ଏବଂ ଅନୁପାଳନକୁ କମ୍ କଷ୍ଟକର କରିଥାଏ । ସଂଶୋଧନ ଉଦ୍ୟୋଗଗୁଡ଼ିକର ମାଗଣା ଏବଂ ସ୍ୱେଚ୍ଛାକୃତ ପଞ୍ଜିକରଣ ପାଇଁ ଏକ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ ପ୍ରଦାନ କରେ । ଏହା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବ ଏବଂ ସରକାରଙ୍କୁ ଅଧିକ ଦକ୍ଷତାର ସହିତ ଲାଭ ପ୍ରଦାନ କରିବାରେ ସାହାଯ୍ୟ କରିବ । ଆଇନ ଅଧୀନରେ ପଞ୍ଜିକରଣ ଏକ ଅଧିକାର, ଯାହାକୁ ଏକ ଉଦ୍ୟୋଗମାନେ ଦାବି କରିପାରିବେ, କିନ୍ତୁ ଏଥିପାଇଁ କୌଣସି ବାଧ ବାଧକତା ନାହିଁ । ସଂଶୋଧନ ଉଭିଦ ଏବଂ ଯନ୍ତ୍ରପାତି କିମ୍ବା ଉପକରଣ ଏବଂ କାରବାରରେ ନିବେଶର ମିଶ୍ରିତ ମାନଦଣ୍ଡ ଆଧାରରେ ଉଦ୍ୟୋଗ ଗୁଡ଼ିକର ବର୍ଗୀକରଣ ପାଇଁ ଏକ ସ୍ପଷ୍ଟ ଢାଂଚା ମଧ୍ୟ ପ୍ରଦାନ କରେ । ଏହା ପ୍ରଯୁକ୍ତିବିଦ୍ୟା, ମୂଲ୍ୟ, ବଜାର ଏବଂ ବ୍ୟବସାୟ ମଡେଲରେ ପରିବର୍ତ୍ତନ ପାଇଁ ବର୍ଗୀକରଣ ଢାଂଚାକୁ ଅଧିକ ତ୍ୱରିତ ପ୍ରତିକ୍ରିୟା ଦେବା ନିମନ୍ତେ ଅନୁମତି ପ୍ରଦାନ କରେ ଏବଂ କେନ୍ଦ୍ର ସରକାରଙ୍କୁ ବିଜ୍ଞପ୍ତି ଦ୍ୱାରା ସୀମା ସ୍ଥିର କରିବାକୁ କ୍ଷମତା ଦିଏ । ଅଧିକାଂଶ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ପାଇଁ, ମୁଖ୍ୟ ଚିନ୍ତା ହେଉଛି ନିୟମିତ ନଗଦ ପ୍ରବାହ । ଏକ କ୍ଷୁଦ୍ର ଉଦ୍ୟୋଗ ପାଇଁ ଏକ ଅବୈଧ ଇନଭଏସ୍ କର୍ମଚାରୀଙ୍କୁ ସମୟାନୁସାରେ ଦରମା ପ୍ରଦାନ, କଂଚାମାଲ କ୍ରୟ, ପରବର୍ତ୍ତୀ ଆଦେଶ ଗ୍ରହଣ ଭଳି ବ୍ୟାପକ ପ୍ରଭାବ ପକାଇଥାଏ । ତେଣୁ, ବିଳମ୍ବରେ ପେମେଂଟ ଏକ ଏଂଟରପ୍ରାଇଜ୍ ପରିଚାଳନା ଏବଂ ବୃଦ୍ଧି କରିବାର କ୍ଷମତାକୁ ଗୁରୁତର ଭାବରେ ବାଧା ଦେଇପାରେ । ଏହି ସଂଶୋଧନ ତିନୋଟି ପଦକ୍ଷେପରେ ସମ୍ବୋଧିତ ହୋଇଛି - ପ୍ରତିରୋଧ, ସମାଧାନ ଏବଂ କାର୍ଯ୍ୟକାରୀ । ପ୍ରତିରୋଧ: ଏହା କେନ୍ଦ୍ରୀୟ ସରକାରୀ କ୍ଷେତ୍ର ଉଦ୍ୟୋଗ (ସି.ପି.ଏସ.ଇ.) ପାଇଁ ଟି.ଆର.ଇ.ଡି.ଏସ. ମାଧ୍ୟମରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ସହ ଜଡିତ ଇନଭଏସର ସମାଧାନ ଏବଂ ପ୍ରକାଶକୁ ବାଧ୍ୟତାମୂଳକ କରି ସ୍ୱଚ୍ଛତା ଆଣିଥାଏ । ରାଜ୍ୟ ସରକାରଗୁଡ଼ିକ ରାଜ୍ୟ ସରକାରୀ କ୍ଷେତ୍ର ଉଦ୍ୟୋଗଗୁଡ଼ିକ ପାଇଁ ସମାନ ଆବଶ୍ୟକତାକୁ ବିସ୍ତାର କରିପାରିବେ । ଏକ ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର.ବି.ଆଇ.) ନିୟନ୍ତ୍ରିତ ଡିଜିଟାଲ୍ ପ୍ଲାଟଫର୍ମ ଭାବରେ, ଟି.ଆର.ଇ.ଡ଼ି.ଏସ. ଏକ ଗ୍ରହଣୀୟ ଇନଭଏସ୍ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ପ୍ରଦାତାମାନଙ୍କ ଦ୍ୱାରା ଆର୍ଥିକ ସହାୟତା ପାଇବାକୁ ସକ୍ଷମ କରେ । ଏହା ଯୋଗାଣକାରୀଙ୍କୁ ପୂର୍ବରୁ ଦେୟ ଗ୍ରହଣ କରିବାକୁ ଅନୁମତି ଦିଏ, ଯେତେବେଳେ କ୍ରେତା ଧାର୍ଯ୍ୟ ତାରିଖରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରଦାତାଙ୍କ ସହିତ ସମାଧାନ କରନ୍ତି । ଏକ ପ୍ରାପ୍ୟ ଯୋଗାଣକାରୀ ପାଇଁ ତରଳତାର ଏକ ଉତ୍ସ ହୋଇଯାଏ, ଯାହା କାର୍ଯ୍ୟ ପରିଚାଳନା କରିବା, ଏହାର ବିଲ୍ ପ୍ରଦାନ କରିବା ଏବଂ ଅଭିବୃଦ୍ଧି ହାସଲ କରିବା ପାଇଁ ଉଦ୍ୟୋଗକୁ ଅଧିକ ନମନୀୟତା ପ୍ରଦାନ କରେ । ସମାଧାନ: ଏହା ଆଇନର ବିବାଦ-ସମାଧାନ ଢାଂଚାକୁ ଆହୁରି ମଜବୁତ କରେ । ଏହା ରାଜ୍ୟ ସରକାରଙ୍କୁ ମଧ୍ୟସ୍ଥତା ଏବଂ ମଧ୍ୟସ୍ଥତା ପାଇଁ ଅତିରିକ୍ତ ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ସୁବିଧା ପରିଷଦ ପ୍ରତିଷ୍ଠା କରିବାକୁ ସକ୍ଷମ କରେ । ଏହା ମଧ୍ୟସ୍ଥତା ଏବଂ ମଧ୍ୟସ୍ଥତା ପାଇଁ ସମୟସୀମା ମଧ୍ୟ ସ୍ଥିର କରେ ଏବଂ ଅନଲାଇନ୍ ବିବାଦ ସମାଧାନକୁ ବୈଧାନିକ ସ୍ୱୀକୃତି ପ୍ରଦାନ କରେ । ଏହା ମାମଲା ଗୁଡ଼ିକର ଦ୍ରୁତ ସମାଧାନକୁ ନେଇଯିବ ଏବଂ ଏକ ବ୍ୟବସ୍ଥା ସୃଷ୍ଟି କରିବ ଯାହା ଦ୍ୱାରା, ଏକ ଉଦ୍ୟୋଗ ପ୍ରକ୍ରିୟା ଏବଂ ସମୟସୀମା ବିଷୟରେ ନିଶ୍ଚିତ ଭାବରେ ଏକ ବୈଧ ଦାବି ଅନୁସରଣ କରିପାରିବ । ପ୍ରବର୍ତ୍ତନ: ସୁବିଧା ପରିଷଦ ଦ୍ୱାରା ଏକ ପୁରସ୍କାର ଭୂମି ରାଜସ୍ୱର ବକେୟା ଭାବରେ ଆଦାୟ କରାଯାଇପାରିବ । ଏକ ପୁରସ୍କାରକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିବା କ୍ରେତାଙ୍କୁ କୋର୍ଟରେ ପଂଚସ୍ତରି ପ୍ରତିଶତ ଜମା କରିବାକୁ ପଡିବ ଏବଂ ଯଦି ସେହି ଚ୍ୟାଲେଞ୍ଜ ଛଅ ମାସ ପାଇଁ ବିଚାରାଧୀନ ରହେ, ତେବେ କୋର୍ଟ ସେହି ଜମାରୁ ଯୋଗାଣକାରୀଙ୍କୁ ପ୍ରଦାନ କରାଯାଇଥିବା ଅର୍ଥର ଅଧା ମୁକ୍ତ କରିପାରିବ । ଏହିପରି, ବୈଧ ଦାବିଗୁଡ଼ିକୁ ଦୀର୍ଘକାଳୀନ ମାମଲା ଦ୍ୱାରା ପ୍ରତ୍ୟାଖ୍ୟାନ କରାଯିବ ନାହିଁ ଏବଂ କୋର୍ଟରେ ବିତାଇଥିବା ସମୟ କେବଳ କ୍ରେତାଙ୍କ ସପକ୍ଷରେ ରହିବ ନାହିଁ । ଏହି ସଂଶୋଧନ ଉଦ୍ୟୋଗଗୁଡ଼ିକ ପାଇଁ ଅନୁପାଳନ ବ୍ୟବସ୍ଥାକୁ ଅଧିକ ସନ୍ତୁଳିତ, ସରଳ ଓ ବିଶ୍ୱାସଭିତ୍ତିକ କରିବା ଦିଗରେ ଏକ ନୂଆ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । କୌଣସି ସାମାନ୍ୟ ନିୟମ ଉଲ୍ଲଂଘନ ଘଟିଲେ ପ୍ରଥମ ଥର ପାଇଁ ଦଣ୍ଡ ନଦେଇ ଚେତାବନୀ ଦିଆଯିବ । ଏହାର ପୁନରାବୃତ୍ତି ହେଲେ ହିଁ ଉଲ୍ଲଂଘନର ଗମ୍ଭୀରତା ଅନୁଯାୟୀ ପର୍ଯ୍ୟାୟକ୍ରମେ ଆର୍ଥିକ ଜରିମାନା ଲାଗୁ ହେବ । ଅନୁପାଳନ ପ୍ରକ୍ରିୟାକୁ ଅଧିକ ସ୍ପଷ୍ଟ, ପୂର୍ବାନୁମାନଯୋଗ୍ୟ ଓ ସରଳ କରାଯିବା ଫଳରେ ଉଦ୍ୟୋଗଗୁଡ଼ିକ ଅନାବଶ୍ୟକ ପ୍ରଶାସନିକ ଜଟିଳତାରୁ ମୁକ୍ତ ହୋଇ ନିଜ ବ୍ୟବସାୟର ନିର୍ମାଣ, ବିସ୍ତାର ଓ ବିକାଶ ଉପରେ ଅଧିକ ଶକ୍ତି ଓ ସମ୍ପଦ କେନ୍ଦ୍ରିତ କରିପାରିବେ । ଏହି ପଦକ୍ଷେପ ବ୍ୟବସାୟ କରିବାର ସୁଗମତାକୁ ବଢ଼ାଇବା ସହିତ ଉଦ୍ୟୋଗ ଓ ସରକାର ମଧ୍ୟରେ ପାରସ୍ପରିକ ବିଶ୍ୱାସ ଉପରେ ଆଧାରିତ ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ । ପରିଶେଷରେ, ଏହି ସଂଶୋଧନ ହେଉଛି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପ୍ରତି ବିଶ୍ୱାସର ଏକ ବିବୃତି ଯାହା ସେମାନଙ୍କୁ ଆହୁରି ନବାଚାର, ନିଯୁକ୍ତି ସୃଷ୍ଟି, ନୂତନ ବଜାରରେ ପ୍ରବେଶ ଏବଂ ଅଧିକ ପ୍ରତିଯୋଗିତାମୂଳକ ହେବା ପାଇଁ ମଜବୁତ କରିବ । ଏକ ଶକ୍ତିଶାଳୀ ଏବଂ ଅଧିକ ସକ୍ରିୟ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) କ୍ଷେତ୍ର ବିକଶିତ ଭାରତ ଲକ୍ଷ୍ୟ ପାଇଁ ଏକ ପ୍ରମୁଖ ଚାଳକ ହେବ ।

***(ଲେଖକ କେନ୍ଦ୍ର ସରକାରରେ କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଭାବରେ କାର୍ଯ୍ୟରତ)***



ଶ୍ରୀ ଜିତନ୍ ରାମ ମାଁଝୀ

# ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ ଅଭିଯାନ

ବାରିପଦା(ନିପ୍ର): ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଲାୟନ୍ସ କ୍ଲବ ବାରିପଦା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କ୍ଲବର ସଭାପତି ଲାୟନ ହେମନ୍ତ ଶାହଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ କ୍ଲବର ସଦସ୍ୟ ଓ ସମର୍ଥକ ମାନେ ସକ୍ରିୟ ଭାବେ ଯୋଗଦେଇ ଦୁଇଟି ପର୍ଯ୍ୟାୟରେ ପିଜୁଳି, କମଳା, ଅମୃତଭଣ୍ଡା, ସଜନା ଓ ଲେମ୍ବୁ ଆଦି ମୋଟ ୧୨୫ଟି ଚାରା ରୋପଣ କରାଯାଇଥିଲା । ଏହି ଅବସରରେ ସଭାପତି ଲାୟନ ହେମନ୍ତ ଶାହ କହିଥିଲେ ଯେ, ବୃକ୍ଷରୋପଣ କେବଳ ପରିବେଶ ସୁରକ୍ଷା କାର୍ଯ୍ୟ ନୁହେଁ, ଏହା ଆଗାମୀ ପିଢ଼ି ପ୍ରତି ଆମର ଦାୟିତ୍ୱ କମିଟିର ଚେୟାରପର୍ସନ ଲାୟନ ଚନ୍ଦ୍ରକଳା କର୍ଣ୍ଣାନୀଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଏହି ଅଭିଯାନ ଚାଲିଥିବା ବେଳେ ଚଳିତ ବର୍ଷ ମୋଟ ୧,୦୦୦ଟି ଚାରା ରୋପଣ କରିବାକୁ କ୍ଲବ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।




## ଭଞ୍ଜ ସ୍ୱାଭିମାନ ମଂଚ ପକ୍ଷରୁ ସମ୍ବର୍ଦ୍ଧନା ସଭା

ବାରିପଦା(ନିପ୍ର): ଭଞ୍ଜ ସ୍ୱାଭିମାନ ମଂଚ ପକ୍ଷରୁ ପ୍ରତିଷ୍ଠାତା ପିତାମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବାରିପଦା ମୋହରିର ସଂଘର ସହ-ସମ୍ପାଦକ ଯତୀନ ଚନ୍ଦ୍ର ଗିରି ଯୋଗଦେଇ ଭୂମି ଗୌରବ ସମ୍ମାନ ପ୍ରାପ୍ତ ବିଶିଷ୍ଟ ସମାଜ ସେବୀ ଶରତ ଚନ୍ଦ୍ର ନାୟକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟ କ୍ରମରେ ମୁଣ୍ଡାରୀ ସମାଜ ସଁଓ୍ୱାର ଯାମଡ଼ାର ସଭାପତି ନନ୍ଦ ଲାଲ ସିଂ, ଓଡ଼ିଆ ଜାଗରଣ ମଂଚର ବରିଷ୍ଠ ସଦସ୍ୟ ଗୋଲକ ମହାନ୍ତି, ମୋହରୀର ପଦ୍ମ ଲୋଚନ ନନ୍ଦୀ, ଦାସ ଲୋହାର ପ୍ରମୁଖ ଯୋଗଦେଇ ଶ୍ରୀ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ, ଗୁରା ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ ।

# ଅଙ୍ଗଦାନ ପାଇଁ ଏସ୍‌ସିବିରେ ସ୍ୱୀକୃତିପତ୍ର ଦେଲେ ଆଦର୍ଶ ଦମ୍ପତି

ନୟାଗଡ଼(ନିପ୍ର): ସମାଜକୁ ଏକ ମହତ୍ ବାର୍ତ୍ତା ଦେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ନୟାଗଡ଼ର ଜଣେ ଆଦର୍ଶ ଦମ୍ପତି । ମୃତ୍ୟୁ ପରେ ମଧ୍ୟ ନିଜ ଅଙ୍ଗ ଅନ୍ୟ ଜଣଙ୍କ ଜୀବନରେ ନୂଆ ଆଶା ଓ ଆଲୋକ ଆଣିପାରିବ । ଏହି ମହତ୍ ଚିନ୍ତାରେ ଅନୁପ୍ରାଣିତ ହୋଇ ପତି-ପତ୍ନୀ ଉଭୟେ ଅଙ୍ଗଦାନ ପାଇଁ ନିଜ ନିଜର ସ୍ୱୀକୃତିନାମା ଦାଖଲ କରିଛନ୍ତି । ନୟାଗଡ଼ ପିଟିଏସ୍ ରୋଡ୍ ଅଂଚଳର ବାସିନ୍ଦା, ସମସ୍ତଙ୍କର ପ୍ରିୟ କବି, ଗାଳ୍ପିକ ଓ ଗୀତିକାର ହରିଶ ଚନ୍ଦ୍ର ପ୍ରଧାନ ଏବଂ ତାଙ୍କ ପତ୍ନୀ ପ୍ରମିଳା ପ୍ରଧାନ କଟକ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଅଙ୍ଗଦାନ ପାଇଁ ପଞ୍ଜିକରଣ କରିଛନ୍ତି । ଏହି ମହତ୍ ପଦକ୍ଷେପକୁ ନେଇ ନୟାଗଡ଼ରେ ସେମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି । ଅଙ୍ଗଦାନ ଭଳି ମହତ୍ ଦାନରେ ଗଭୀର ଭାବେ ଅନୁପ୍ରାଣିତ ହୋଇ ଏହି ଦମ୍ପତି ମୃତ୍ୟୁ ପରେ ନିଜ ଅଙ୍ଗ ଅନ୍ୟମାନଙ୍କ ଜୀବନ ରକ୍ଷାରେ ବ୍ୟବହୃତ ହେବା ପାଇଁ ଶପଥ ନେଇଛନ୍ତି । ଏହି ମହତ୍ ସଂକଳ୍ପକୁ ଆଇନସମ୍ମତ ଭାବେ ପାଳନ କରିବା ପାଇଁ ସେମାନେ ଏସ୍‌ସିବି ମେଡିକାଲ୍ କଲେଜ ସହିତ ଅନୁବନ୍ଧିତ ହୋଇ ଆବଶ୍ୟକ ପଞ୍ଜିକରଣ ପ୍ରକ୍ରିୟା ସମ୍ପନ୍ନ କରିଛନ୍ତି । ପ୍ରକୃତି ଓ ସ୍ୱଚ୍ଛ ପରିବେଶକୁ ଭଲ ପାଉଥିବା ସାହିତ୍ୟାନୁରାଗୀ ହରିଶ ଚନ୍ଦ୍ର ପ୍ରଧାନ ନିଜ ପତ୍ନୀଙ୍କୁ ସାଙ୍ଗରେ ନେଇ କଟକ ବଡ଼ ଡାକ୍ତରଖାନାକୁ ଯାଇ ଅଙ୍ଗଦାନ ପାଇଁ ସ୍ୱୀକୃତିପତ୍ରରେ ପଞ୍ଜିକରଣ କରି ଫେରିବା ଘଟଣା ଏବେ ନୟାଗଡ଼ରେ ଚର୍ଚ୍ଚାର ବିଷୟ ପାଲଟିଛି । ସେମାନଙ୍କ ମତରେ, "ରକ୍ତଦାନ ଜୀବନ ବଂଚାଏ, ଅଙ୍ଗଦାନ ମୃତ୍ୟୁ ପରେ ମଧ୍ୟ ଜୀବନକୁ ଜାରି ରଖେ । ଆମର ଏହି ଶେଷ ଦାନ କାହାର ନୂଆ ଜୀବନର ଆରମ୍ଭ ହୋଇପାରେ ।" ଏହି ମହତ୍ ଚିନ୍ତାଧାରା ସମାଜରେ ଅଙ୍ଗଦାନ ପ୍ରତି ସଚେତନତା ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଭଳି ମାନବୀୟ ଓ ମହତ୍ କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



# ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବାକୁ ଚକ୍ରାନ୍ତ ଅଭିଯୋଗ ; ମୁସ୍ତାଫାପୁରର ୪ବୁଥରେ ନିରପେକ୍ଷ ଯାଂଚ ଦାବି

ଧାମନଗର(ନିପ୍ର): ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ଧାମନଗର ରାଜନୀତିରେ ପୁଣି ତାତି ବଢ଼ିଛି । ଫର୍ମ-୭ କୁ ଆୟୁଧ କରି ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ଆଣି ବୁଧବାର ଦୋବଲ ଜୋନ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଏହି ଅଭିଯୋଗର ନିରପେକ୍ଷ ତଦନ୍ତ ସହ ଭୋଟର ତାଲିକାର ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା ପାଇଁ ଦଳ ଦାବି ଉଠାଇଛି । ଦୋବଲ ଜୋନ ବିଜେଡିର ଅଭିଯୋଗ ଅନୁଯାୟୀ, ଅନ୍ୟ ପଂଚାୟତର କିଛି ଶାସକ ଦଳର ନେତା ଓ ସମର୍ଥକ ଅନ୍‌ଲାଇନ ମାଧ୍ୟମରେ ଫର୍ମ-୭ ଦାଖଲ କରି ଦୋବଲ ଜୋନ ଅଧୀନରେ ଥିବା ଯୋଗ୍ୟ ଭୋଟରଙ୍କ ନାମ ବାଦ ଦେବାକୁ ଉଦ୍ୟମ କରୁଛନ୍ତି । ଏହା ଏକ ସୁଚିନ୍ତିତ ରାଜନୈତିକ ପଦକ୍ଷେପ ବୋଲି ଦଳ ଅଭିଯୋଗ କରିଛି । ଭୋଟର ତାଲିକାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲ୍ ଭାବେ ବାଦ୍ ପଡ଼ିବା କେବଳ ଏକ ତାଲିକାଗତ ତ୍ରୁଟି ନୁହେଁ, ଏହା ତାଙ୍କର ମତଦାନ ଅଧିକାରକୁ ସିଧା ସଳଖ ପ୍ରଭାବିତ କରି ପାରେ । ତେଣୁ ଫର୍ମ-୭ ମାଧ୍ୟମରେ ଦାଖଲ ହେଉଥିବା ପ୍ରତ୍ୟେକ ଆବେଦନର ନିରପେକ୍ଷ ଯାଂଚ ସହ ଆବଶ୍ୟକସ୍ଥଳେ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉ ବୋଲି ଦଳ ଦାବି କରିଛି । ଏ ନେଇ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ବିଶେଷ ଭାବେ ମୁସ୍ତାଫାପୁର ପଂଚାୟତର ୧୯୩, ୧୯୪, ୧୯୫ ଓ ୧୯୬ ନମ୍ବର ବୁଥ ର ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଯାଇଥିଲା । ଏହି ଚାରିଟି ବୁଥରେ ଭୋଟରଙ୍କ ନାମରେ ହୋଇଥିବା ପରିବର୍ତ୍ତନ, ଫର୍ମ-୭ ମାଧ୍ୟମରେ ଦାଖଲ ହୋଇଥିବା ଆବେଦନ ଓ ତାହାର ଯାଂଚ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଆବଶ୍ୟକ ପଡ଼ିଲେ ଘରଘର ବୁଲି ଭୋଟରଙ୍କ ବାସ୍ତବ ଉପସ୍ଥିତି, ବାସସ୍ଥାନ ଓ ଠିକଣା ଯାଂଚ କରାଯାଉ ବୋଲି ଦଳ ଦାବି କରିଛି । ଏହାଦ୍ୱାରା ମୃତ, ସ୍ଥାନାନ୍ତରିତ କିମ୍ବା ଡୁପ୍ଲିକେଟ ଭୋଟରଙ୍କ ନାମ ବାଦ କରିବା ନାମରେ କୌଣସି ଜୀବିତ ଓ ଯୋଗ୍ୟ ଭୋଟରଙ୍କ ନାମ ଭୁଲରେ ବାଦ ନପଡ଼ିବ ବୋଲି ଦଳ ମତ ରଖିଛି । ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟାରେ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନେ କୌଣସି ରାଜନୈତିକ ଚାପରେ ନଆସି ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରନ୍ତୁ ବୋଲି ବିଜେଡି ଆହ୍ୱାନ କରିଛି । ଦଳୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ରୁ ୫୦୦ ଲୋକଙ୍କୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ମୁସ୍ତାଫାପୁର ପଂଚାୟତ ସରପଂଚ ଜିସ୍ମାରା ବିବି, ଧାମନଗର ଏନ୍ଏସି ବିଜେଡି ସଂଖ୍ୟାଲଘୁ ନେତା ମହମ୍ମଦ ଫକୀରୁଦ୍ଦୀନ, ମୁସ୍ତାଫାପୁର ବିଜେଡି ଯୁବ ପ୍ରତିନିଧି ରିୟାଜ୍ ହୁସେନ୍ ଖାନ୍ ଓ ସରପଂଚ ପ୍ରତିନିଧି ଶେଖ୍ ମୁସ୍ତାକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ତେବେ ସରକାରୀ ନୀତି ନିୟମରେ ଏହି ସରକାରୀ କାର୍ଯ୍ୟକ୍ରମ ଚାଲୁ ଅଛି ଆବଶ୍ୟକ ପ୍ରମାଣ ପତ୍ର ମାଧ୍ୟମରେ ସଂଶୋଧନ କାର୍ଯ୍ୟକ୍ରମ ହେଉଚି ଏଥିରେ ସହଯୋଗ କରିବାକୁ ବି ଏଲ ଓ ତ୍ରିଲୋଚନ ମାଝୀ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।



# ଜିଲ୍ଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

ଖୋର୍ଦ୍ଧା(ନିପ୍ର): କଲେକ୍ଟ୍ରେଟ୍ କନଫରେନ୍ସ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ପୋଲିସ ସୁପରିଟେନ୍‌ଡେଣ୍ଟ, ଏଡିଏମ ଜେନେରାଲ ଖୋର୍ଦ୍ଧା, ସିଡମ, ପିଏଚ୍ଓ ଖୋର୍ଦ୍ଧା, ଏସ୍ଏସଏସଓ, ଡବ୍ଲୁଇଓ, ବିଡିଓ, ଏବିଡିଓ, ଜିପିଡିଓ, ସମସ୍ତ ସିଡିପିଓ, ସିଡବ୍ଲୁସି ମେୟର, ଡ଼ାଲ୍ସା ର ଅଫିସର ସମସ୍ତ ହବ ଷ୍ଟାଫ, ପ୍ରୋଗ୍ରାମ ଅଫିସର ଏବଂ ଶକ୍ତି ସଦନର ସୁପରିଟେଣ୍ଡେଣ୍ଟ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଫଳ ରୂପାନ୍ତରିକରଣକୁ ନେଇ ଖୋର୍ଦ୍ଧା ଏଡିମ୍ ଜେନେରାଲ ଗୁରୁତ୍ୱ ଦେଇଥିଲେ । ଉଦବୋଧନ ଦେବା ସହ ସେ ସମସ୍ତ ଲାଇନ ଡିପାର୍ଟମେଂଟ ଅଧିକାରୀ ମାନଙ୍କ ସହଯୋଗ ଦ୍ୱାରା ସବୁ ଦିଗ ପ୍ରତି କିପରି ଆଲୋକ ପାତ କରାଯାଇ ପାରିବ ସେହି ବିଷୟରେ କହିଥିଲେ । ବିଶେଷ କରି କନ୍ୟା ରନ୍‌କୁ ଯତ୍ନ କରିବା, ତାକୁ ସୁରକ୍ଷା ଦେବା ସହ ଭ୍ରୁଣ ହତ୍ୟାରୁ କିପରି ନିବୃତ ରହି ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରିବା, ସେ ବିଷୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ । ପରିଶେଷରେ ଡିସି ହବ୍ ସମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।



## ଦେଶୀ ମଦ ସହିତ ବିଅର ଜବତ, ୨ ଗିରଫ

ସିମୁଳିଆ(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଥାନା ଅନ୍ତର୍ଗତ କୁପାରୀ ବଜାର ଓ ଗନ୍ଧାଳୀ ଗ୍ରାମରେ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀ ମଦ ଓ ୭.୮୦୦ ଲିଟର ବିଅର ଜବତ କରାଯିବା ସହିତ ଗନ୍ଧାଳୀ ଗ୍ରାମର ବୁଟୁ ମୁଖୀ ଓ ସଙ୍କଣା ଗ୍ରାମର ସୁଶାନ୍ତ କୁମାର ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୨ ଗୋଟି ମାମଲା ରୁଜୁ କରାଯାଇଛି ।





# ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା 'ବିକଶିତ ଭାରତ ଯୁବ କନେକ୍ଟ' ଓ 'ନିଶାମୁକ୍ତ ଯୁବ' କାର୍ଯ୍ୟକ୍ରମ

ଭୁବନେଶ୍ୱର, :ଉତ୍କଳ ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସ୍. ବ୍ୟୁରୋ ପକ୍ଷରୁ 'ବିକଶିତ ଭାରତ ଯୁବ କନେକ୍ଟ' ଏବଂ 'ନିଶାମୁକ୍ତ ଯୁବ - ବିକଶିତ ଭାରତ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସଭାରେ ବିଶ୍ୱବିଦ୍ୟାଳୟର ପି.ଜି. କାଉନ୍ସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ଜୀବନଶୈଳୀ ଆପଣେଇ କ୍ୟାରିୟର୍ ଗଢ଼ିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଜିତ କୁମାର କୁଶୱାହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ମାଇ ଭାରତ' ଡିଜିଟାଲ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି 'ୟୁଥ୍ ଆଇକନ୍' ସ୍ପନ୍ଦନ




କୁମାର ନନ୍ଦ ଯୁବପିଢ଼ିଙ୍କୁ ଭବିଷ୍ୟତର ନେତୃତ୍ୱ ନେବାକୁ ଉତ୍ସାହିତ କରିଥିବା ବେଳେ 'ନିଶାମୁକ୍ତ ୱାରିଅର୍' ରବି ନାରାୟଣ ନାୟକ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଧ୍ୟାନ ଓ ଶିଥିଳୀକରଣ କୌଶଳ ସମ୍ପର୍କରେ ବୁଝାଇଥିଲେ । ଏନ୍.ଏସ୍.ଏସ୍. ସମନ୍ୱୟକ ଡଃ ଶାନ୍ତି ସ୍ୱରୂପ ସାହୁ କାର୍ଯ୍ୟକ୍ରମର ପରିଚାଳନା ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଭିଡିଓ ପ୍ରଦର୍ଶନ ସହ 'ମାଇ ଭାରତ' ପୋର୍ଟାଲ୍ ମାଧ୍ୟମରେ ସମସ୍ତ ଛାତ୍ରଛାତ୍ରୀ ଅନଲାଇନ୍ ?ରେ 'ନିଶାମୁକ୍ତ ଭାରତ' ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପି.ଜି. ଏନ୍.ଏସ୍.ଏସ୍. ପ୍ରୋଗ୍ରାମ୍ ଅଫିସର ଡଃ କବିତା ଦାସ, ଡଃ ପରମାନନ୍ଦ ନାଏକ, ଡକ୍ଟର ରଞ୍ଜିତ ମହାପାତ୍ର ଏବଂ ଏନ୍.ଏସ୍.ଏସ୍. ବ୍ୟୁରୋ କର୍ମଚାରୀ ପ୍ରଶାନ୍ତ ମହାରାଣା, ମମତା, ଜିତୁ ଦାସ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିବା ଏହି ସଭା ଶେଷରେ ଡକ୍ଟର କବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୃଷ୍ଟିବାଧିତ ଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା(ନି.ପ୍ର.) ଦିବ୍ୟଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରିବା ଏବଂ ସେମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ ଜାରି ରହିଛି । ଏହି କ୍ରମରେ ଆଜି ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଜଣେ ଦୃଷ୍ଟିବାଧିତ ମେଧାବୀ ଛାତ୍ରୀଙ୍କୁ ମାଗଣା ଲାପଟପ୍ ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାଏକ ଉପସ୍ଥିତ ରହିଥିଲେ ।ସୂଚନାଯୋଗ୍ୟ ଯେ, ସରକାରଙ୍କ ଏହି ଯୋଜନା ଅଧୀନରେ ୪୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଦୃଷ୍ଟିବାଧିତ ଥିବା ଯୋଗ୍ୟ ସ୍ନାତକ (ଓ ତଦୂର୍ଦ୍ଧ୍ୱ ଶ୍ରେଣୀର



ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଲାପଟପ୍ ଯୋଗାଇ ଦିଆଯାଉଛି । ଆଜି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ଠେବ୍ରା ଗ୍ରାମର ଦୃଷ୍ଟିବାଧିତ ଛାତ୍ରୀ ବବିତା ଚୌଧୁରୀଙ୍କୁ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ ଲାପଟପ୍ ହସ୍ତାନ୍ତର କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉଚ୍ଚଶିକ୍ଷା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏହି ସହାୟତା ଦ୍ୱାରା ସ୍ନାତକ ସ୍ତରରେ ପଢୁଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଶିକ୍ଷାଗ୍ରହଣ, ଗବେଷଣା ଏବଂ ଡିଜିଟାଲ୍ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଅନେକ ସୁବିଧା ପାଇପାରିବେ । ପୂର୍ବରୁ ଏହି ଯୋଜନା ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାର ୧୦ ଜଣ ଯୋଗ୍ୟ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମାଗଣାରେ ଲାପଟପ୍ ବଂଟନ କରାଯାଇସାରିଛି ।

# ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ବିକ୍ଷୋଭ

ବ୍ରହ୍ମପୁର (ନି.ପ୍ର.): ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଅବିଳମ୍ବେ ଆରମ୍ଭ କରିବା, ତୁରନ୍ତ ଛାତ୍ର ବିରୋଧୀ ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର କରିବା ଓ କ୍ୟାମ୍ପସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା ଦେବା ଦାବିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗୋଟିଏ ପଟେ ଦୀର୍ଘବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦକରି ସରକାର କ୍ୟାମ୍ପସ ମଧ୍ୟରେ ଶୈକ୍ଷିକ ଓ ଗଣତାନ୍ତ୍ରିକ ପରିବେଶକୁ ନଷ୍ଟ କରିବା ସହ ଶାସକ ଦଳର ଘୃଣ୍ୟ ରାଜନୀତିକୁ ଶିକ୍ଷାନୁଷ୍ଠାନ ମଧ୍ୟରେ ଚପାଇ




ଦେବାର ଅପଚେଷ୍ଟା କରୁଛନ୍ତି । ଅନ୍ୟ ପଟେ ଛାତ୍ରଛାତ୍ରୀଙ୍କ ଉପରେ ଆଦର୍ଶ ଆଚରଣ ସଂହିତା ଲଦିଦେଇ କ୍ୟାମ୍ପସ ମଧ୍ୟରେ ସଭାସମିତି କରିବା, ପ୍ରତିବାଦ କରିବା ଏବଂ ଭିନ୍ନମତ ପୋଷଣ କରିବାର ଅଧିକାରକୁ ତାଙ୍କ ଠାରୁ ଛଡେଇନେବା ପାଇଁ ଚେଷ୍ଟା କରୁଛନ୍ତି ।

ଏଣୁ ସଂଗଠନ ପକ୍ଷରୁ ଉପସ୍ଥାପିତ ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ଶକ୍ତିଶାଳୀ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି ।ଆଜିକାର କାର୍ଯ୍ୟକ୍ରମ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧ୍ୟକ୍ଷ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର କର୍ମକର୍ତ୍ତା ବାମିଆ କୁମାର ଓ ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ।

# ଲଘୁଚାପ ବର୍ଷାଜଳ ବିଦ୍ୟାଳୟରେ ଲହଡ଼ି ଭାଙ୍ଗୁଛି

ବାଲିଆପାଳ,(ନି.ପ୍ର) ବୁଧବାର ରାତିରୁ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଂଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି । ଫଳରେ କଚୁଆପଡ଼ା ସରକାରୀ ପ୍ରାଥମିକ ଓ ଉ.ପ୍ରା. ବିଦ୍ୟାଳୟ ପରିସର ରେ ବର୍ଷା ଜଳ ଲହଡ଼ି ଭାଙ୍ଗୁଛି ।ବର୍ଷା ପାଣି ଶ୍ରେଣୀ ଗୃହକୁ ପଶି ଯାଇଥିବାରୁ ଶ୍ରେଣୀ ଗୃହ ମଧ ରେ ପୋକ ଜୋକ ସାଲୁ ବାଲୁ ହେବା ସହିତ ଏକ ବିଷାକ୍ତ ସାପ ମଧ ଶ୍ରେଣୀ ଗୃହ ଭିତରୁ ଗ୍ରାମବାସୀ ମାରି ଦେଇଥିବାର ଦେଖି ବାକୁ ମିଳିଛି । ଏହି ବିଦ୍ୟାଳୟ ରେ ଥିବା ଏକମାତ୍ର ନଳକୂପ ମଧ ବର୍ଷା ଜଳରେ ବୁଡ଼ି ଯାଇ ଥିବାରୁ ପିଲା ମାନେ ଶୁଦ୍ଧ ପାନୀୟ ଜଳ ପାଇ ପାରୁ ନାହାନ୍ତି ବୋଲି ଅଭିଭାବକ ମାନେ



ଅଭିଯୋଗ କରିଛନ୍ତି । ଏହି ସବୁ କାରଣରୁ ଆଜି ବିଦ୍ୟାଳୟକୁ ଛାତ୍ରୀ ଛାତ୍ର ଆସି ନଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଆଣ୍ଠୁଏ ପାଣି ରେ ବିଦ୍ୟାଳୟକୁ ନଯାଇ ବିଦ୍ୟାଳୟ ଗେଟ ପାଖରେ ଛିଡା ହୋଇ ଥିବାର ଦେଖିବାକୁ ମିଳି ଥିଲା ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ବେହେରା କହନ୍ତି ଏହି ଘଟଣା ଆଜିର ନୁହେଁ ଏହା ପ୍ରତି ବର୍ଷ ବର୍ଷା ଋତୁରେ ଏହିପରି ଘଟଣା ଘଟିଥାଏ । ଏ ବାବଦରେ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରାଯାଇଛି । କିନ୍ତୁ କିଛି ପ୍ରତିକାର ହେଉନାହିଁ । ପ୍ରଶାସନ ସବୁ ଜାଣି କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ କୁନି କୁନି ଛାତ୍ରୀ ଛାତ୍ର ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି । ବାଲିଆପାଳ ଅଂଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ ନଥିବା ରୁ କଚୁଆପଡ଼ା ସରକାରୀ ବିଦ୍ୟାଳୟ ରେ ପ୍ରତିବର୍ଷ ଏହିପରି ଘଟଣା ଘଟୁଛି । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ କଚୁଆପଡ଼ା ଗ୍ରାମର ଜଗବନ୍ଧୁ ଜେନା ,ତାପସ କୁମାର ଜେନା, ବେଣୁଧର ଜେନା, ବଟକୃଷ୍ଣ ମହାନ୍ତି, ପ୍ରଶାନ୍ତ ବାରିକ,ଗୋପାଳ ଚନ୍ଦ୍ର ଜେନାଙ୍କ ସହିତ ଅନ୍ୟ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋପାଳପୁରରେ 'ତ୍ରିରଙ୍ଗା ମାରାଥନ' ଆୟୋଜିତ

ବ୍ରହ୍ମପୁର / ଗୋପାଳପୁର (ନି.ପ୍ର.): 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗୋପାଳପୁରରେ 'ତ୍ରିରଙ୍ଗା ମାରାଥନ' ଆୟୋଜିତ ହୋଇଯାଇଛି । ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଆୟୋଜିତ ଏହି ମାରାଥନରେ ଏକ ହଜାରରୁ ଅଧିକ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

ସକାଳ ୬ଟାରେ ବିଜୟ ମାର୍ଗରୁ ଆରମ୍ଭ ହୋଇଥିବା ଏହି ମାରାଥନ ଗୋପାଳପୁର ମୁଖ୍ୟ ବେଳାଭୂମିରେ ଶେଷ ହୋଇଥିଲା । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ,ଗୋପାଳପୁର ଏନ୍ ?ଏସି ଅଧ୍ୟକ୍ଷ ଏ ଜାନକୀ ରାମ, ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା କ୍ରୀଡା ଅଧିକାରୀ ଦିବ୍ୟ ରଞ୍ଜନ ବିଶ୍ୱାଳ, ବ୍ରହ୍ମପୁର ଏକାଡେମୀର କୋଚ୍ ସୀମାଂଚଳ




ବାରିକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଏକ ହଜାରରୁ ଅଧିକ ଯୁବକ-ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ । ମାରାଥନ ମାର୍ଗର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ହାତରେ ତ୍ରିରଙ୍ଗା ପତାକା ଧରି ଧାବକମାନଙ୍କୁ ଉତ୍ସାହିତ କରିଥିଲେ । ସମଗ୍ର ଅଂଚଳ ଦେଶପ୍ରେମର ଭାବନାରେ ଉଦ୍ ?ବେଳିତ ହୋଇଥିଲା । ଯୁବକ-ଯୁବତୀମାନଙ୍କ ସହ ଛତ୍ରପୁର ବିଧାୟକ ଓ ଗଞ୍ଜାମ ଜିଲ୍ଲାପାଳ ମଧ୍ୟ ସମ୍ପୂର୍ଣ୍ଣ ୫.୫ କିଲୋମିଟର ଦୌଡ଼ି ଅତିକ୍ରମ କରିଥିଲେ । ସେମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ମାରାଥନରେ ଭାଗ ନେଇଥିବା ଯୁବପିଢ଼ିଙ୍କୁ ଅଧିକ ଉତ୍ସାହିତ କରିଥିଲା । ପୁରୁଷ ବର୍ଗରେ ନେତ୍ରମଣୀ ଶବର ପ୍ରଥମ, ଦୁର୍ଯ୍ୟୋଧନ ନାୟକ ଦ୍ୱିତୀୟ ଓ ସରୋଜ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହିଳା ବର୍ଗରେ ଗୁଡଲି ମଲ୍ଲିକ ପ୍ରଥମ, ସାନିୟା ମଲ୍ଲିକ ଦ୍ୱିତୀୟ ଓ ଅସୀମା ମଲ୍ଲିକ ତୃତୀୟ ସ୍ଥାନ ହାସଲ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବେ ଯଥାକ୍ରମେ ୫,୦୦୦, ୩,୦୦୦ ଓ ୨,୦୦୦ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । 'ହାତରେ ତ୍ରିରଙ୍ଗା, ମନରେ ଦେଶପ୍ରେମ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ତ୍ରିରଙ୍ଗା ମାରାଥନ ଗଞ୍ଜାମରେ ଜାତୀୟ ଏକତା, ଅଖଣ୍ଡତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିଛି ବୋଲି ଜିଲ୍ଲାପାଳ କହିଛନ୍ତି ।

# ଭାଲୁ ଆକ୍ରମଣ ରେ ୨ ଗୁରୁତର

ନୀଳଗିରି,(ନିପ୍ର)ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ର ଶ୍ୟାମସୁନ୍ଦର ପୁର ପଂଚାୟତ ଅନ୍ତର୍ଗତ ଜୁରିଆପାଟଣା ଗ୍ରାମରେ ଅରୁଣ ଦଳେଇ ଙ୍କର ପତ୍ନୀ ସୁକାନ୍ତି ଦଳେଇ ( ୪୬) ଆଜି ଭୋର ୫ ଟା ସମୟରେ ପାଖ ଦ୍ୱାରିକା ସାଧୁବାବୁ ପୋଖରୀ କୁ ଶୌଚ ହେବା ସମୟରେ ପଛପଟୁ ଭାଲୁ ଆକ୍ରମଣ କରିଥିଲା । ସେହିପରି ଉକ୍ତ ପଂଚାୟତ ର ଦ୍ୱାରିକା ଗ୍ରାମ ର ପୂର୍ଣ୍ଣ ଚନ୍ଦ୍ର ବାରିକ ଙ୍କ ପୁଅ ଦିଲ୍ଲୀପ ବାରିକ ( ୩୫ ) ଚାଷ ଜମିକୁ ଯାଇଥିଲେ ମହାବଳ ପଦା ନିକଟସ୍ଥ



ପୋଖରୀ ପାଖରେ ତିନୋଟି ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ ।୨ଜଣଙ୍କୁରକ୍ତ ଜୁଡୁ ବୁଡୁ ଅବସ୍ଥା ରେ ସ୍ଥାନୀୟ ଲୋକ ଉଦ୍ଧାର କରି ୧୦୮ ଜୋରିଆ ନୀଳଗିରି ଡାକ୍ତରଖାନା ରେ ପ୍ରାଥମିକ ଚିକିତ୍ସା ପରେ ୨ଜଣକ ଅବସ୍ଥା ସଂକଟାପନ ଥିବା ରୁ ସେମାନଙ୍କୁ ରେମୁଣା ସ୍ଥିତ ଫକୀର ମୋହନ ମେଡ଼ିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି ।

# ଧାମନଗର ଖାନକା ସରିଫରେ ପଦବିକୁ ନେଇ ବିବାଦ ଉଭୟ ପକ୍ଷରୁ ୧୨୦ ଜଣଙ୍କ ନାମରେ ମାମଲା

ଧାମନଗର(ନି.ପ୍ର.):ଧାମନଗର ଠାରେ ଥିବ ବିଶ୍ୱ ପ୍ରସିଦ୍ଧ ପିର ବାବା ହଜୁର ମୂଜାହିଦ ଇ ମିଲତ ଙ୍କ ଆସ୍ତାନସ୍ଥଳଧାମନଗର ଖାନକା ସରିଫ ଠାରେ ବିବାଦ ଉପୁଜିଛି ଯାହାକୁ ନେଇ ଧାମନଗର ଥାନା ରେ ୪ ଟି ମାମଲା ରୁଜୁ ହୋଇ ଥିବା ସୂଚନା ମିଳିଛି । ସେଠାରେ ଥିବା ପରିଚାଳନା କମିଟି କୁ ନେଇ କିଛି ବିବାଦ ସୃଷ୍ଟି ହୋଇଛି । କମିଟି ପରିଚାଳନା ଓ ୱାକଫ୍ ବୋର୍ଡର ନିଯୁକ୍ତିକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିବାଦ ଏବେ ଉଗ୍ର ରୂପ ନେଇଛି । ମସଜିଦ ପରିସରରେ ସଂଘବଦ୍ଧ ଆକ୍ରମଣ , ଅଫିସ ଡ୍ରୟରରୁ ୫୦ ହଜାର ଟଙ୍କା ଗାୟବ ହୋଇଥିବା ଅଭିଯୋଗକୁ ନେଇ ଧାମନଗର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି ।ପ୍ରଥମ ମାମଲା କେସ ନମ୍ବର ୩୨୫/୨୦୨୬ରେ ୨୧ ଜଣ ନାମିତ ଓ ୫୦ ଜଣ ଅଜ୍ଞାତଙ୍କ ସମେତ ମୋଟ ୭୧ ଜଣଙ୍କ ବିରୋଧରେ ଏତଲା ହୋଇଛି । ଅନ୍ୟ ମାମଲା କେସ ନମ୍ବର ୩୨୬/୨୦୨୬ରେ ୪ ଜଣଙ୍କୁ ନାମିତ କରାଯାଇଛି । ଦୁଇ ମାମଲାକୁ ମିଶାଇ ୨୫ ଜଣ ନାମିତ ଓ ୫୦ ଜଣ ଅଜ୍ଞାତଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି । ଏତଲା ଅନୁଯାୟୀ, ସୟଦ ମହମ୍ମଦ ହବିବ ଦୀର୍ଘଦିନ ଧରି ଖାନକାହା ମସଜିଦର ମତୱଲି ଭାବେ କାର୍ଯ୍ୟ କରିଆସୁଥିଲେ । ୱାକଫ୍ ବୋର୍ଡରେ ହୋଇଥିବା ଅଭିଯୋଗ ପରେ ମଧ ଅଗଷ୍ଟ ୪ ତାରିଖରେ ଓଡ଼ିଶା ୱାକଫ୍ ବୋର୍ଡ ପକ୍ଷରୁ ତାଙ୍କୁ ପୁନର୍ବାର ମତୱଲି ଭାବେ ନିଯୁକ୍ତ କରାଯାଇଥିବା ଏତଲାରେ ଦର୍ଶାଯାଇଛି ।ଅଗଷ୍ଟ ୬ ତାରିଖ ଦିନ ହବିବ ନିଜ ସମର୍ଥକଙ୍କ ସହ ଅଫିସ ପରିସରକୁ ଯାଇଥିବା ବେଳେ ଏକ ଗୋଷ୍ଠୀ ସେମାନଙ୍କୁ ଘେରି ଠେଙ୍ଗା, ଭୁଜାଲି, ଲୁହା ରଡ୍ ଓ ଦାଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ୪ରୁ ୫ ଜଣ ଆହତ ହୋଇଥିବା ଏବଂ ଜୀବନରୁ ମାରିଦେବାକୁ ଧମକ ମିଳିଥିବା ଏତଲାରେ ଉଲ୍ଲେଖ ରହିଛି । ଏହି ମାମଲାରେ ଈଘଝର ୧୨୬(୨), ୨୯୬, ୧୧୫(୨), ୧୦୯, ୩୫୧(୨) ଓ ୩(୫) ଧାରା ଲାଗିଛି ।ଅନ୍ୟପକ୍ଷରେ, ଦାରୁଲ ଉଲୁମ ମୁଜାନ୍ଦର ପିଅନ ମହମ୍ମଦ ଗୋଲାମ ରବାନୀଙ୍କ ଅଭିଯୋଗକୁ ନେଇ ରୁଜୁ ହୋଇଥିବା ଦ୍ୱିତୀୟ ମାମଲାରେ ଅଫିସ ଡ୍ରୟରରୁ ୫୦ ହଜାର ଟଙ୍କା ଗାୟବ ହୋଇଥିବା ଅଭିଯୋଗ ରହିଛି । ରବାନୀ ଅସୁସ୍ଥତା କାରଣରୁ ଚିକିତ୍ସିତ ହୋଇ ଫେରିବା ପରେ ଅଫିସରେ ଯୋଗଦେଇ ଡ୍ରୟର ଖୋଲିବା ବେଳେ ଟଙ୍କା ନଥିବା ଜାଣିଥିବା ଏତଲାରେ କହିଛନ୍ତି । ଏହି ମାମଲାରେ ୪ ଜଣଙ୍କୁ ନାମିତ କରାଯାଇ ଈଘଝ ୩୦୩(୨) ଓ ୩(୫) ଧାରାରେ ମାମଲା ରୁଜୁ ହୋଇଛି । ତେବେ ଏହି ଘଟଣା ଥମୀ ନଥିବା ବେଳେ ୧୨ ତାରିଖ ସନ୍ଧ୍ୟା ରେ ପୁଣି ଦୁଇ ଗୋଷ୍ଠି ମଧ ରେ ବିବାଦ ସୃଷ୍ଟି ହୋଇଚି । ମତୱଲି ଖାନକା ଅଫିସ କୁ ଯିବା ବେଳେ ଦୁଇ ଗୋଷ୍ଠି ମଧ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ଥିଲେ । ଏ ନେଇ ମତୱଲି ଙ୍କ ଅଭିଯୋଗ କ୍ରମେ ପୋଲିସ କେସ ନମ୍ବର ୩୩୮/୨୬ ରେ ମାମଲା ରୁଜୁ କରିଥିବା ବେଳେ ମହମ୍ମଦ ଅବ୍ଦୁଲ ମନାନ ଙ୍କ ଅଭିଯୋଗ କ୍ରମେ କେସ ନମ୍ବର ୩୩୯/୨୬ ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି ।ତେବେ ଧାମନଗର ପୋଲିସ ଏହି ଘଟଣା କୁ ନେଇ ୪ ଗୋଟି କେସ କରି ଘଟଣା ର ତଦନ୍ତ କରୁଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ କହିଛନ୍ତି ।ତେବେ ଉକ୍ତ ପୀଠ ବିଶ୍ୱ ପ୍ରସିଦ୍ଧ ହୋଇ ଥିବାବେଳେ ପ୍ରତିବର୍ଷ ଉର୍ସ ଉତ୍ସବ ରେ ଭାରତ ତଥା ଭାରତ ବାହାରୁ ମଧ ଭକ୍ତ ମାନେ ଆସି ଥାଆନ୍ତି ।ତେବେ ଏପରି ଶାନ୍ତିପ୍ରିୟ ସ୍ଥାନରେ ଅଶାନ୍ତି ସୃଷ୍ଟି ନକରିବାକୁ ଧାମନଗର ଥାନା ଅଧିକାରୀ ଶ୍ରୀ ଦାସ ନିବେଦନ କରିଛନ୍ତି ।

# ବାଫ୍‌ଲିମାଳି ଦୀର୍ଘସ୍ଥାୟୀ ଖଣି କାର୍ଯ୍ୟପଦ୍ଧତିରେ ଏଏସ୍‌ଆଇ ମାନ୍ୟତା, ଭାରତର ପ୍ରଥମ ବକ୍ସାଇଟ ଖଣି

ରାୟଗଡ (ନିପ୍ର) ଆଦିତ୍ୟ ବିର୍ଲା ଗ୍ରୁପ୍ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍ ?କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଂଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ଓଡ଼ିଶାର ରାୟଗଡା ଜିଲ୍ଲାରେ ଥିବା ତାହାର ବାଫ୍‌ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍ ?ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଥିବା ବିଷୟ ଘୋଷଣା କରିଛି । ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ଚୂର୍ଣ୍ଣ କରିବା ଏବଂ ବାଫ୍ ?ଲିମାଳି ବକ୍ସାଇଟ ଖଣିଗୁଡିକରୁ ବକ୍ସାଇଟକୁ କନ୍ ?ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍ ରହିଛି । ଏହି ଖଣିଗୁଡିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍‌କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ।

ଏହି ସଫଳତା ସହିତ ବାଫ୍‌ଲିମାଳି ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟପଦ୍ଧତି ହୋଇଛି । ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍‌କୋର ଏଏସ୍‌ଆଇ-ପ୍ରମାଣିକୃତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ




ଡାଉନ୍‌ଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି । ପ୍ରମାଣିକୃତ କାର୍ଯ୍ୟ ପରିଚାଳନା ବର୍ଗମାଳା ମଧ୍ୟରେ ମଉଦା, ହୀରାକୁଦ ଏଫଆରପି, ତଲୋଜା, କୁପ୍ପମ୍ ?, ଆଲୁପୁରମ୍ ?, ବେଲୁର, ରେଣୁକୋଟ, ବେଲଗାଭୀ, ହୀରାକୁଦ ଓ ଆଦିତ୍ୟରେ ଥିବା କାରଖାନାଗୁଡିକ ରହିଛି । ଉତ୍କଳ ଆଲୁମିନା ହିଣ୍ଡାଲ୍ ?କୋର ଅନ୍ୟତମ ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କାର୍ଯ୍ୟ ପରିଚାଳନା କମ୍ପାନୀ ହୋଇଛି, ଯାହା ବାର୍ଷିକ ପ୍ରାୟ ୨.୬୭ ନିୟୁତ ଟନ୍ ଆଲୁମିନା ଉତ୍ପାଦନ କରୁଛି । ବିଶୋଧନାଗାର ନିମନ୍ତେ ବକ୍ସାଇଟର ପ୍ରାଥମିକ ଉତ୍ସ ଭାବରେ ବାଫ୍‌ଲିମାଳି ଆଲୁମିନିୟମ ଉତ୍ପାଦନକୁ ସମର୍ଥନ କରିବାରେ ଏକ ରଣନୈତିକ ଭୂମିକା ନିର୍ବାହ କରୁଛି ।

କୈଳାସ ପାଣ୍ଡେ, ସିଇଓ- ଆଲୁମିନିୟମ ଅପଷ୍ଟ୍ରିମ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ କହିଥିଲେ, "ହିଣ୍ଡାଲ୍‌କୋ ପାଇଁ ବାଫ୍‌ଲିମାଳି ଏକ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତି ଏବଂ ଆମର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ହୋଇଛି । ବାଫ୍ ?ଲିମାଳି ର ଏଏସ୍ ?ଆଇ ପ୍ରମାଣନ ଦୀର୍ଘସ୍ଥାୟିତା, ସ୍ୱଚ୍ଛତା ଏବଂ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟରେ ଦାୟିତ୍ୱସମ୍ପନ୍ନ ଭାବରେ ସମ୍ବଳ ସଂଗ୍ରହକୁ ଧାରଣ କରିବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସମୁଦାୟ ଅତିରିକ୍ତ ଅପଷ୍ଟ୍ରିମ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ପ୍ରମାଣନକୁ ଆମେ ସମ୍ପ୍ରସାରିତ କରୁଥିବାବେଳେ ଆମେ ଖଣି ଠାରୁ ନେଇ ଧାତୁ ପର୍ଯ୍ୟନ୍ତ ଏକ ଅଧିକ ସମନ୍ୱିତ ଏବଂ ବୈଶ୍ୱିକ ସ୍ତରରେ ସ୍ୱୀକୃତ ଦାୟିତ୍ୱସମ୍ପନ୍ନ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ମୂଳଦୁଆକୁ ସୁଦୃଢ କରୁଛୁ ।" ଡ. ଫିଓନା ସୋଲୋମନ୍, ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର, ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ (ଏଏସ୍ ?ଆଇ) କହିଥିଲେ, "ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡିକର ପ୍ରମାଣନ ଉତ୍କଳ ଆଲୁମିନା ଏବଂ ବିସ୍ତାରିତ ଭାବରେ ଏଏସ୍ ?ଆଇର ଦୀର୍ଘସ୍ଥାୟୀ ମାନକଗୁଡିକ ସହିତ ନିରନ୍ତର ନିୟୋଜନତାକୁ ପ୍ରତିଫଳିତ କରୁଛି । ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ବିବିଧ ପର୍ଯ୍ୟାୟରେ ଏଏସ୍ ?ଆଇ ପ୍ରମାଣନରେ ଅଂଶଗ୍ରହଣ କ୍ଷେତ୍ରରେ ହିଣ୍ଡାଲ୍‌କୋ ବ୍ୟବସାୟିକ ପରିଚାଳନାର ବର୍ଦ୍ଧିତ ସଂଖ୍ୟା, ଏହି ସମୁଦାୟ କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ପାରିବେଶିକ, ସାମାଜିକ ଓ ପରିଚାଳନା କାର୍ଯ୍ୟାଭ୍ୟାସକୁ କାର୍ଯ୍ୟକାରୀ କରିବା ତଥା ଦାୟିତ୍ୱସମ୍ପନ୍ନ ଉତ୍ପାଦନକୁ ଆଗେଇନେବା ନିମନ୍ତେ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି । ଏଭଳି ପ୍ରୟାସଗୁଡିକ ସ୍ୱଚ୍ଛତା, ଅନୁରେଖଣୀୟତା (ପତା ଲଗାଇବା) ଏବଂ ଅଂଶୀଦାରମାନଙ୍କର ଆସ୍ଥାକୁ ସମୁଦାୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।" ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ (ଏଏସ୍‌ଆଇ) ହେଉଛି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳ ନିମନ୍ତେ ଅଗ୍ରଣୀ ବିଶ୍ୱସ୍ତରୀୟ ଦୀର୍ଘସ୍ଥାୟୀ ମାନକ ଓ ପ୍ରମାଣନକାରୀ ସଂଗଠନ । ଏହାର ପ୍ରଦର୍ଶନ ମାନକ ଜୈବ ବିବିଧତା, ସବୁଜଗୃହ ଗ୍ୟାସ ନିର୍ଗମନ, ଗୋଷ୍ଠୀ ନିୟୋଜନତା, ମାନବ ଅଧିକାର, ବୃତିଗତ ସ୍ୱାସ୍ଥ୍ୟ ଏବଂ ନିରାପତା ଓ ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ କାର୍ଯ୍ୟପଦ୍ଧତିଗୁଡିକ ନିମନ୍ତେ ପରିବେଶଗତ, ସାମାଜିକ ଓ ପରିଚାଳନାଗତ ପ୍ରଦର୍ଶନର ମୂଲ୍ୟାୟନ କରିଥାଏ । ନିରପେକ୍ଷ ତୃତୀୟ-ପକ୍ଷ ପ୍ରମାଣନ ଅଡିଟ୍ କାର୍ଯ୍ୟ ଏଏସ୍‌ଆଇର ୱିଟ୍‌ନେସ୍ ଆସେସ୍‌ମେଂଟ ପ୍ରୋସେସ୍ (ସାକ୍ଷ୍ୟ ଆକଳନ ପ୍ରକ୍ରିୟା) ଅଧୀନରେ ସେର୍ଟିଫିଓନ୍ (ସିଇଟିଆଇଜେଡଆଇଓଏନ୍) ଭେରିଫିକା ଦ୍ୱାରା କରାଯାଇଥିଲା ଏବଂ ସଂସ୍ଥାନର କ୍ୱାଲିଟି ଆସ୍ୟୁରାନ୍ସ ବିଧିବ୍ୟବସ୍ଥାର ଅଂଶ ଭାବରେ ଏଏସ୍‌ଆଇ ସେକ୍ରେଟାରୀଏଟ୍‌ର ସଦସ୍ୟଗଣ ଏହାକୁ ପର୍ଯ୍ୟବେକ୍ଷଣ କରିଥିଲେ । ବୈଶ୍ୱିକ ଗ୍ରାହକମାନେ ଅଧିକରୁ ଅଧିକ ଦାୟିତ୍ୱସମ୍ପନ୍ନ ଭାବରେ ସଂଗୃହୀତ ପଦାର୍ଥଗୁଡିକ ଏବଂ ବୃହତର ଯୋଗାଣ ଶୃଙ୍ଖଳ ସ୍ୱଚ୍ଛତା ଚାହୁଁଥିବାରୁ ସମୁଦାୟ ଶିଳ୍ପଭିତିକ ମୂଲ୍ୟ ଶୃଙ୍ଖଳଗୁଡିକରେ ଦୀର୍ଘସ୍ଥାୟିତା ପ୍ରମାଣନଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି । ଏଏସ୍ ?ଆଇ ପ୍ରମାଣନ ନିରପେକ୍ଷ ପ୍ରତିଶ୍ରୁତି ପ୍ରଦାନ କରୁଛି ଯେ ସମୁଦାୟ କାର୍ଯ୍ୟଗୁଡିକ ଆନ୍ତର୍ଜାତିକସ୍ତରରେ ସ୍ୱୀକୃତ ଦୀର୍ଘସ୍ଥାୟୀ ମାନକ ଓ ଦାୟିତ୍ୱସମ୍ପନ୍ନ ଉତ୍ପାଦନ କାର୍ଯ୍ୟାଭ୍ୟାସ ମୁତାବକ କରାଯାଉଛି । ବାଫ୍ ଲିମାଳିର ପ୍ରମାଣନ ଦାୟିତ୍ୱସମ୍ପନ୍ନ ଖଣି କାର୍ଯ୍ୟ, ଦୀର୍ଘସ୍ଥାୟୀ ଉତ୍ପାଦନ କାର୍ଯ୍ୟପଦ୍ଧତି ଏବଂ ଭାରତରୁ ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱୀ ଆଲୁମିନିୟମ ଯୋଗାଣ ଶୃଙ୍ଖଳଗୁଡିକର ବିକାଶ ନିମନ୍ତେ ହିଣ୍ଡାଲ୍‌କୋର ପ୍ରତିବଦ୍ଧତାକୁ ପୁନଃ ସୁଦୃଢୀକରଣ କରୁଛି ।




## ଜୟପୁରରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେଲେ ଶିକ୍ଷମନ୍ତ୍ରୀ



ଜୟପୁର/ଭୁବନେଶ୍ୱର : ସ୍ୱାଧୀନତା ଦିବସ ପୂର୍ବରୁ ଜୟପୁରରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଛନ୍ତି ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ । ତ୍ରିରଙ୍ଗା ହେଉଛି ଆମ ଜାତୀୟ ଗୌରବ, ସ୍ୱାଭିମାନ ଓ ଏକତାର ପ୍ରତୀକ । ତ୍ରିରଙ୍ଗା ଯାତ୍ରା ଆମ ଭିତରେ ରାଷ୍ଟ୍ରଭକ୍ତିକୁ ଉଦ୍ରେକ କରାଇବା ସହ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣିଥରେ ସ୍ମରଣ କରାଇଥାଏ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

## ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଜାରି

ଭୁବନେଶ୍ୱର: ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ନିକଟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଏକ ଲଘୁଚାପ କ୍ଷେତ୍ର ଯୋଗୁ ଉତର ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ଏନେଇ ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ତେବେ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା ଏବଂ ସଂଲଗ୍ନ ଅଂଚଳଗୁଡ଼ିକରେ ମଧ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲାରେ ଝଡ଼ବର୍ଷା ସହିତ ବର୍ଷା ହେବାର ସମ୍ଭାବନା ଅଛି । ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ମଧ ସମ୍ଭାବନା ଅଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ଅନୁଯାୟୀ କିଛି ଅଂଚଳରେ ପବନର ବେଗ ୩୦ରୁ ୪୦ କିଲୋମିଟର ପ୍ରତି ଘଂଟା ପର୍ଯ୍ୟନ୍ତ ପହଂଚିପାରେ ।






## ସୁଭାଷିତ ସେୟାର କରି ପ୍ରତିକୂଳ ପରିସ୍ଥିତିରେ ସଫଳତାର ମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ସର୍ବଦା ପରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ 'ଏକ୍ସ' ରେ ସୁଭାଷିତ ସେୟାର କରି ପ୍ରତିକୂଳ ପରିସ୍ଥିତିରେ ସଫଳତାର ମନ୍ତ୍ର ଦେଇଛନ୍ତି । ସେ କହିଛନ୍ତି ଯେ ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ଦ୍ୱାରା କଠିନ ପରିସ୍ଥିତିରେ ମଧ ସଫଳତା ହାସଲ କରାଯାଇପାରିବ । ସୁଭାଶିତମ୍ ଭାବରେ ଉଲ୍ଲିଖିତ ଶ୍ଳୋକଟି ହେଉଛି 'ଦୈବ ପୁରୁଷକରଣ ଯା ସମର୍ଥ ପ୍ରଭିଦୁମ୍' । ଏପରିକି ଈଶ୍ୱରୀୟ ଦରିଦ୍ର ମଧ ନୁହେଁ: ପୁରୁଷ: ସନ୍ନିବାସିଦତି । ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ରଚିତ ରାମାୟଣର ଅଯୋଧ୍ୟା କାଣ୍ଡ, ସର୍ଗ ୨୩, ପଦ ୧୭ ରୁ ନିଆଯାଇଛି । ବାଲ୍ମୀକି କହିଛନ୍ତି ଯେ ଯେତେବେଳେ ଭଗବାନ ରାମ ନିର୍ବାସିତ ହୁଅନ୍ତି, ଲକ୍ଷ୍ମଣ ଅତ୍ୟନ୍ତ କ୍ରୋଧିତ ହୁଅନ୍ତି । ତା 'ପରେ ସେ ଦୈବ (ଭାଗ୍ୟ) ଉପରେ ନିର୍ଭର କରିବା ପରିବର୍ତେ ମନୁଷ୍ୟର ପୁରୁଷାର୍ଥ (କାର୍ଯ୍ୟ ଏବଂ ପରିଶ୍ରମ) କୁ ପ୍ରଶଂସା କରି ଏହା କୁହନ୍ତି । ଏହି ଅଭିବ୍ୟକ୍ତିର ଅନୁବାଦକୁ ହେଉଛି, 'ଜଣେ ବ୍ୟକ୍ତି ଯିଏ ନିଜ ସଂକଳ୍ପ, ଅକ୍ଳାନ୍ତ ପରିଶ୍ରମ ଏବଂ ଅଧ୍ୟବସାୟ ସହିତ ପ୍ରତିକୂଳ ପରିସ୍ଥିତି ସହିତ ମଧ ଖାପଖୁଆଇବାକୁ ସକ୍ଷମ, ସେ ଜୀବନର ବାଧାଗୁଡ଼ିକ ଦ୍ୱାରା କଦାପି ପରାସ୍ତ ହୁଏ ନାହିଁ, କିନ୍ତୁ ଅଧ୍ୟବସାୟ ଦ୍ୱାରା ସଫଳତା ହାସଲ କରେ ।'

## ନିଜ ଘରେ ତ୍ରିରଙ୍ଗା ଉଡ଼ାଇଲେ ମୁଖ୍ୟମନ୍ତ୍ରୀ

### ସମସ୍ତଙ୍କୁ ଘରେ ତ୍ରିରଙ୍ଗା ଉଡ଼ାଇବାକୁ କଲେ ନିବେଦନ

ଭୁବନେଶ୍ୱର : ତ୍ରିରଙ୍ଗା ଆମ ଜାତୀୟ ସ୍ୱାଭିମାନ, ଏକତା ଓ ମହାନ ସଭ୍ୟତାର ଶାଶ୍ୱତ ପ୍ରତୀକ । ଏହା ଆମ ମୁକ୍ତି ସଂଗ୍ରାମର ଅମର ଗାଥା, ବୀର ଶହୀଦଙ୍କ ଅତୁଳନୀୟ ଶୌର୍ଯ୍ୟ ଏବଂ ଆଗାମୀ ପିଢ଼ିର ଅସୁମାରୀ ଆକାଂକ୍ଷାର ଜୀବନ୍ତ ପ୍ରତିଫଳନ ।ଆଜି ମୋ ବାସଭବନରେ ତ୍ରିରଙ୍ଗା ଉଡ଼ାଇ ମାତୃଭୂମିର ସେବାରେ ନିଜକୁ ସମର୍ପିତ କରିଥିବା ବୀରମାନଙ୍କ ସ୍ମୃତିଚାରଣ କରିବାର ଅନନ୍ୟ ସୌଭାଗ୍ୟ ଲାଭକଲି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସେମାନଙ୍କ ତ୍ୟାଗ ଆମର ଐତିହ୍ୟ, ସେମାନଙ୍କ ଦେଶଭକ୍ତି ଆମର ପ୍ରେରଣା; ଏବଂ ସେମାନଙ୍କ ଅମର ବଳିଦାନ ଆମକୁ ପ୍ରତିମୁହୂର୍ତରେ ସ୍ମରଣ କରାଇଦିଏ 'ବ୍ୟକ୍ତି ସ୍ୱାର୍ଥଠାରୁ ରାଷ୍ଟ୍ର ସଦା ସର୍ବୋପରି' ।ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଏକ ନୂତନ ଜାଗରଣ ସୃଷ୍ଟି କରିଛି । 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସଂକଳ୍ପ ନେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୋଟି କୋଟି ନାଗରିକଙ୍କୁ ଏକାଠି



ବାନ୍ଧିବାରେ ଏହା ସାଜିଛି ଏକ ଶକ୍ତିଶାଳୀ ମାଧ୍ୟମ । ସମସ୍ତେ ଅପୂର୍ବ ଗର୍ବ ଓ ଉତ୍ସାହର ସହ ନିଜ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି । ପ୍ରତିଟି ଗାଁରୁ ସହର, ନୀଳ ଆକାଶ ତଳେ ଆମର ଏହି ପ୍ରତୀକ ଗୌରବର ସହ ଉଡ଼ୁ । ଯାହା ଆମକୁ ମାତୃଭୂମିର ସେବାରେ ସମର୍ପିତ ହେବାପାଇଁ ନିରନ୍ତର ସଙ୍କଳ୍ପବଦ୍ଧ କରିବବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## 'ହର ଘର ତିରଙ୍ଗା'ଅଭିଯାନର ଅଂଶବିଶେଷ ସ୍ୱରୂପ ଗୃହମନ୍ତ୍ରୀ ନିଜ ବାସଭବନରେ ତ୍ରିରଙ୍ଗା ପତାକା ଉତୋଳନ କଲେ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏବଂ ତାଙ୍କ ପତ୍ନୀ 'ହର ଘର ତିରଙ୍ଗା' ଅଭିଯାନର ଅଂଶବିଶେଷ ଭାବେ ଗୁରୁବାର ଦିନ ଦିଲ୍ଲୀରେ ନିଜ ବାସଭବନରେ ତ୍ରିରଙ୍ଗା ପତାକା ଉତୋଳନ କରିଛନ୍ତି । ଶାହା ଏକ୍ସରେ ଲେଖିଛନ୍ତି, 'ଆଜି ମୋ ବାସଭବନରେ, ମୁଁ ହର ଘର ତିରଙ୍ଗା ଅଭିଯାନର ଏକ ଅଂଶ ଭାବରେ ତ୍ରିରଙ୍ଗା ଉତୋଳନ କଲି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମ ଏବଂ ଗର୍ବର ଭାବନାକୁ ଆହୁରି ମଜବୁତ କରୁଛି । ଆଜି କୋଟି କୋଟି ଦେଶବାସୀ ତ୍ରିରଙ୍ଗା ସହିତ ଯୋଡ଼ି ହେଉଛନ୍ତି, 'ଏକ ଭାରତ, ଶ୍ରେଷ୍ଠ ଭାରତ 'ଭାବନାକୁ ସୁଦୃଢ଼ କରୁଛନ୍ତି । ଏଥି ସହିତ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ ମଧ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡ଼ିଓ ସେୟାର କରି କହିଛନ୍ତି ଯେ, ଡାଲ ହ୍ରଦ, ଶିକାରା, ତ୍ରିରଙ୍ଗା ଏବଂ ଏକ ଆନନ୍ଦଦାୟକ ଅନୁଭୂତି । କାଶ୍ମୀରର ସୌନ୍ଦର୍ଯ୍ୟ ମଧରେ ଗର୍ବର ସହ ଉଡ଼ୁଥିବା ତ୍ରିରଙ୍ଗା, ଏହା ହେଉଛି ନୂତନ କାଶ୍ମୀରର



ନୂତନ ପରିଚୟ । ଏଠାରେ ପ୍ରତ୍ୟେକ ହୃଦୟରେ ଦେଶ ପାଇଁ ଶାନ୍ତି, ବିକାଶ ଏବଂ ଗୌରବର ଭାବନା ରହିଛି । ଏହା କେବଳ ଏକ ଦୃଶ୍ୟ ନୁହେଁ, ଏହା ନୂତନ କାଶ୍ମୀରର ନୂତନ ଶକ୍ତି ।

## ତ୍ରିରଙ୍ଗା ଅଭିଯାନ କୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ, ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ପାଇଁ ଦେଶପ୍ରେମ ନିହାତି ଆବଶ୍ୟକ : କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା

ନୂଆଦିଲ୍ଲୀ : କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡା 'ତିରଙ୍ଗା ଯାତ୍ରା' ଏବଂ 'ତିରଙ୍ଗା ଅଭିଯାନ' କୁ ସାରା ଦେଶରେ ଚାଲିଥିବା ଜନ ଭାଗିଦାରୀ ଅଭିଯାନ ବୋଲି ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ ଅଗଷ୍ଟ ୯ ତାରିଖରେ ଆରମ୍ଭ ହୋଇଥିବା ତିରଙ୍ଗା ଯାତ୍ରା ଏବଂ ତିରଙ୍ଗା ଅଭିଯାନ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହା ଅଧୀନରେ ଦେଶର ସହରରୁ ଗାଁ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା କରାଯାଉଛି ଏବଂ ଲୋକମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରୁଛନ୍ତି । ସେ କହିଛନ୍ତି ଯେ ଯେତେବେଳେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣ କଲା, ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ରେ ଆହ୍ୱାନ ଦେଇଥିଲେ ଯେ ତିରଙ୍ଗା ଅଭିଯାନ କେବଳ ଏକ ସରକାରୀ କାର୍ଯ୍ୟକ୍ରମ



ନୁହେଁ, ବରଂ ଏକ ଜନ ଆନ୍ଦୋଳନ ହେବା ଉଚିତ । ଏହା ପରେ ସାରା ଦେଶରେ କୋଟି କୋଟି ଘରେ ତ୍ରିରଙ୍ଗା ଉତୋଳନ କରାଯାଇଥିଲା ଏବଂ ଲୋକମାନେ ଉତ୍ସାହର ସହିତ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ସେ ମଧ ଆଜି ତାଙ୍କ ବାସଭବନରେ ତାଙ୍କ ପରିବାର ସହିତ ତ୍ରିରଙ୍ଗା ଉତୋଳନ କରିଛନ୍ତି । ଏହାକୁ ତାଙ୍କ ପାଇଁ ଏକ ସୌଭାଗ୍ୟର ଅବସର ବୋଲି ବର୍ଣ୍ଣନା କରି ସେ କହିଥିଲେ ଯେ ତ୍ରିରଙ୍ଗା ହେଉଛି ଦେଶର ଏକତା, ଗର୍ବ ଏବଂ ଜାତୀୟ ଭାବନାର ପ୍ରତୀକ । ଭାରତକୁ ଏକ ଆତ୍ମନିର୍ଭରଶୀଳ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ରହିବା ଆବଶ୍ୟକ ବୋଲି ଶ୍ରୀ ନାଡ୍ଡା କହିଛନ୍ତି । ସେ ଲୋକମାନଙ୍କୁ ତିରଙ୍ଗା ଅଭିଯାନରେ ସାମିଲ ହେବା ଏବଂ ଦେଶର ବିକାଶ ପାଇଁ ସଂକଳ୍ପକୁ ସୁଦୃଢ଼ କରିବା ପାଇଁ ନିବେଦନ କରିଛନ୍ତି ।

## ଓଏସ୍‌ଡିଏମଏ ଦ୍ୱାରା ନିର୍ମିତ ନୂତନ ବିପର୍ଯ୍ୟୟ ପରିଚାଳନା ତାଲିମ୍ ଛାତ୍ରାବାସ 'ସୁରକ୍ଷା'ର ଉଦ୍‌ଘାଟନ କଲେ ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ଦ୍ୱାରା ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନ, ଗୋଠପାଟଣା ପରିସରରେ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧ ପ୍ରତିଷ୍ଠାନ ଅଧୀନରେ ନୂତନ ବିପର୍ଯ୍ୟୟ ପରିଚାଳନା ତାଲିମ ଛାତ୍ରାବାସ 'ସୁରକ୍ଷା'ର ଶୁଭ ଉଦଘାଟନ ଏବଂ ଦୁଇଗୋଟି ତାଲିମ ଛାତ୍ରାବାସ 'ସଜାଗ' ଓ 'ସଂକଳ୍ପ'ର ଭିତିପ୍ରସ୍ତର ସ୍ଥାପିତ ହୋଇଯାଇଛି କ୍ଷ ଏହି ଅବସରରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଛାତ୍ରାବାସ ଉଦଘାଟନ ତଥା ପ୍ରସ୍ତାବିତ ଛାତ୍ରାବାସର ଭିତିପ୍ରସ୍ତର ସ୍ଥାପନ କରିବା ସହ ଚାରାରୋପଣ କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧ ପ୍ରତିଷ୍ଠାନର ଆବାସିକ ଏବଂ ତାଲିମ ଭିତିଭୂମି ବିକାଶ ଦିଗରେ ଏହି ନୂତନ



ଛାତ୍ରାବାସ ପ୍ରମୁଖ ଉପଲବ୍ଧି ଭାବେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ । ସୂଚନାଯୋଗ୍ୟ ଯେ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ୧୯୯୯ ମସିହାର ପ୍ରଳୟଙ୍କାରୀ ମହାବାତ୍ୟାପରଠୁଁ ଅଦ୍ୟାବଧି ବିପର୍ଯ୍ୟୟ ମୁକାବିଲା ନିମନ୍ତେ ନିରବଚ୍ଛିନ୍ନ ଭାବରେ ସମର୍ପିତ ହୋଇ କାର୍ଯ୍ୟ କରି ଆସୁଛି । ଉନ୍ନତ ତାଲିମ୍, ଦକ୍ଷତା ବୃଦ୍ଧି, ଗବେଷଣା ଏବଂ ଜ୍ଞାନ ଆଦାନପ୍ରଦାନ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧ ପ୍ରତିଷ୍ଠାନକୁ ଏକ ଉତ୍ସର୍ଗୀକୃତ ସୁଦକ୍ଷ କେନ୍ଦ୍ର ଭାବେ ବିକାଶ କରାଯାଉଛି । ନୂତନ ଭାବରେ ଗଢାଯାଇଥିବା ଛାତ୍ରାବାସ 'ସୁରକ୍ଷା'ରେ ମୋଟ ୧୦୭ଟି ଦୁଇ ଶଯ୍ୟା ବିଶିଷ୍ଟ କୋଠରୀ ରହିଥିବା ବେଳେ ସେଥିମଧ୍ୟରୁ ୨୭ଟି ଶୀତତାପ ନିୟନ୍ତ୍ରିତ କୋଠରୀ ଏବଂ ଅତିଥି ମାନଙ୍କର ରହିବା ନିମନ୍ତେ ୭ଟି ସ୍ୱତନ୍ତ୍ର ବ୍ୟବସ୍ଥା ଥିବା କୋଠରୀ ରହିଛି । ଏଥି ସହିତ ଭୋଜନାଳୟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ ରହିଛି କ୍ଷ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧ ପ୍ରତିଷ୍ଠାନର ଏହି ତାଲିମ ଛାତ୍ରାବାସ 'ସୁରକ୍ଷା' ବରିଷ୍ଠ ସରକାରୀ ଅଧିକାରୀ, ଅଧ୍ୟାପକ, ବିଶେଷଜ୍ଞ ଏବଂ ପ୍ରତିଷ୍ଠାନରେ ଆୟୋଜିତ ଜାତୀୟ ଏବଂ ଅନ୍ତର୍ଜାତୀୟ ତାଲିମ୍ କାର୍ଯ୍ୟକ୍ରମ, କର୍ମଶାଳା, ସମ୍ମିଳନୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପ୍ରତିନିଧିମାନଙ୍କ ପାଇଁ ଗୁଣାତ୍ମକ ଆବାସିକ ବାସସ୍ଥାନ ପ୍ରଦାନ କରିବ । ଏହି ସୁବିଧା ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧ ପ୍ରତିଷ୍ଠାନର ସ୍ୱତନ୍ତ୍ର ଏବଂ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବାର କ୍ଷମତାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ସେହିପରି ନୂତନ ଭାବରେ ନିର୍ମିତ ଏହି ଛାତ୍ରାବାସ 'ସୁରକ୍ଷା' ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ ର କର୍ମଚାରୀମାନଙ୍କ ପାଇଁ ଉତ୍ସର୍ଗୀକୃତ ଆବାସିକ ସୁବିଧା ପ୍ରଦାନ କରିବ ।

## ଆସନ୍ତାକାଲି ହକି ମହାକୁମ୍ଭ: ଭାରତୀୟ ମହିଳାଙ୍କ ପାଇଁ ଅପୂର୍ବ ସୁଯୋଗ

ଭୁବନେଶ୍ୱର: ପୁରୁଷଙ୍କ ସହ ସମାନ୍ତରାଳ ଭାବେ ଚଳିତ ଅଗଷ୍ଟ




୧୫ରୁ ଆରମ୍ଭ ହେବ ଏଫଆଇଏଚ୍ ମହିଳା ହକି ବିଶ୍ୱକପ୍-୨୦୨୬ । ଭାରତୀୟ ମହିଳା ଦଳ ଅଷ୍ଟମ ଥର ପାଇଁ ଏହି ହକି ମହାକୁମ୍ଭରେ ଅଂଶଗ୍ରହଣ କରିବ । ନେଦରଲାଣ୍ଡସ୍ ଓ ବେଲଜିୟମ୍‌ରେ ଆୟୋଜିତ ହେବାକୁଥିବା ଏହି ବିଶ୍ୱକପ୍‌ରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଟ୍ରଫି ପାଇଁ ଲଢ଼େଇ କରିବେ । ଅଧିନାୟିକା ସଲିମା ଟେଟେଙ୍କ ନେତୃତ୍ୱରେ ଏବଂ ମୁଖ୍ୟ ପ୍ରଶିକ୍ଷକ ଜୋଏଡ୍ ମାରିନଙ୍କ ତତ୍ୱାବଧାନରେ ଭାରତ ଏଥିରେ ଅଂଶଗ୍ରହଣ କରିବ । ପ୍ରଥମ ଟ୍ରଫି ଲକ୍ଷ୍ୟରେ ଥିବା ଭାରତୀୟ ମହିଳା ଦଳ ଏଥର ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି । ଭାରତ ଅଗଷ୍ଟ ୧୬ରେ ଚୀନ୍ ବିପକ୍ଷରେ ତା'ର ପ୍ରତୀକ୍ଷିତ ଅଭିଯାନ ଆରମ୍ଭ କରିବ । ଭାରତ ତା'ର ତିନିଟି ଯାକ ଲିଗ୍ ମ୍ୟାଚ୍ ନେଦରଲାଣ୍ଡସ୍‌ର ଆମ୍‌ଷ୍ଟେଲଭିନ୍‌ସ୍ଥିତ ୱାଗେନର ହକି ଷ୍ଟାଡିୟମ୍‌ରେ ଖେଳିବ । ୨୦୨୫-୨୬ ଏଫ୍‌ଆଇଏଚ୍ ହକି ନେସନ୍ସ କପ୍ ଜିତିବା ସହ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌କୁ ପଦୋନ୍ନତି ପାଇଥିବା ଭାରତୀୟ ଦଳ ଏବେ ଆତ୍ମବିଶ୍ୱାସ ଓ ଉତ୍ସାହରେ ଭରି ରହିଛି । ବିଶ୍ୱକପ୍‌ରେ ଭଲ ଆରମ୍ଭ କରି ପରବର୍ତୀ ପର୍ଯ୍ୟାୟକୁ ଯିବା ଲକ୍ଷ୍ୟରେ ସଲିମା ଟେଟେଙ୍କ ଦଳ ମଇଦାନକୁ ଓହ୍ଲାଇବ । ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ମଧ ଏଥର ନିଜ ଯାଦୁ ଦେଖାଇବେ । ଏଥର ଆସନ୍ତୁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଭାଗ୍ୟଶାଳୀ ଖେଳାଳିଙ୍କ ଉପରେ ନଜର ପକାଇବା ।

## ସେପ୍ଟେମ୍ବରରେ ଆଫଗାନିସ୍ତାନ-ଭାରତ ଟି-ଟ୍ୱେଂଟି ସିରିଜ୍



ନୂଆଦିଲ୍ଲୀ : ଆୟୋଜକ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଏକ ୩ ମ୍ୟାଚ ବିଶିଷ୍ଟ ଟି-ଟ୍ୱେଂଟି ସିରିଜର କ୍ରୀଡ଼ାସୂଚୀ ଘୋଷଣା କରାଯାଇଛି । ଆଫଗାନିସ୍ତାନ ଭାରତରେ ଏହି ସିରିଜ ଆୟୋଜନ କରିବ । ସେପ୍ଟେମ୍ବର ମାସ ୧୩, ୧୫ ଓ ୧୭ ତାରିଖରେ ଦିଲ୍ଲୀ ସ୍ଥିତ ଅରୁଣ ଜେଟଲୀ ଷ୍ଟାଡ଼ିୟମ୍‌ରେ ଏହି ସିରିଜ ଖେଳାଯିବ । ଗତ ଜୁନ ମାସରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ଟେଷ୍ଟ ଓ ୩ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯାଇଥିଲା । ଭାରତ ଇନିଂସ ଓ ୩୦୦ ରନରେ ଉକ୍ତ ଟେଷ୍ଟ ଜିତିଥିଲା । ଏହାପରେ ୩-୦ରେ ଦିନିକିଆ ସିରିଜ ମୂଳପୋଛ କରିଥିଲା । ସୂଚନାଯୋଗ୍ୟ, ଆଫଗାନିସ୍ତାନରେ କୌଣସ ଅନ୍ତର୍ଜାତୀୟ ମାନର କ୍ରିକେଟ୍ ଷ୍ଟାଡ଼ିୟମ ନାହିଁ । ଯାହା ଫଳରେ ଆଫଗାନିସ୍ତାନ ଉଭୟ ଦୁବାଇ ଓ ଭାରତକୁ ଘରୋଇ ଭେନ୍ୟୁ ରୂପେ ଗ୍ରହଣ କରିଛି । ବିସିସିଆଇ ସର୍ବଦା ଆଫଗାନିସ୍ତାନ କ୍ରିକେଟ୍‌ର ଉନ୍ନତି ପାଇଁ କାର୍ଯ୍ୟ କରୁଛି । ୨୦୧୮ରେ ଆଫଗାନିସ୍ତାନ ଟେଷ୍ଟ ମାନ୍ୟତା ହାସଲ କରିବା ପରେ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିଥିଲା ।

## ଆସନ୍ତାକାଲି ଠାରୁ ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ

କଲମ୍ବୋ: ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ ଦଳ ଶନିବାରଠୁ ଘରୋଇ ଦଳ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଗଲ୍‌ରେ ଖେଳାଯିବ । ଡବ୍ଲ୍ୟୁଟିସି ପଏଂଟ ଟେବୁଲ୍‌ରେ ଭାରତ



ପଂଚମ ଓ ଶ୍ରୀଲଙ୍କା ଷଷ୍ଠ ସ୍ଥାନରେ ରହିଛନ୍ତି । ତେଣୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ରେ ରହିବା ପାଇଁ ଏହି ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ । ଅଭିଜ୍ଞ ବ୍ୟାଟର ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାଣେ ଅବସର ପରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌ରେ ବଡ଼ ପରିବର୍ତନ ହୋଇଛି । ଯଶପ୍ରୀତ ବୁମରା ଆହତ ଜନିତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡ଼ିଥିବାରୁ ମହମ୍ମଦ ସିରାଜଙ୍କ ନେତୃତ୍ୱ ଯୁବ ବୋଲରଙ୍କ ଉପରେ ଦାୟିତ୍ୱ ରହିବ । ଶ୍ରୀଲଙ୍କାର ପ୍ରଶିକ୍ଷକ ଗ୍ୟାରି କର୍ଷ୍ଟନ ରହିଛନ୍ତି । ସେ ପୂର୍ବରୁ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ । ତେଣୁ ଭାରତୀୟ ଖେଳାଳିଙ୍କ ବିଷୟରେ ସେ ଭଲ ଭାବେ ଜାଣିଛନ୍ତି । ସେହିପରି ଘରୋଇ ମାଟିରେ ଶ୍ରୀଲଙ୍କା ଶକ୍ତିଶାଳୀ ଥିବାରୁ ଭାରତୀୟ ବ୍ୟାଟରଙ୍କ ପାଇଁ ସ୍ପିନ୍ ଅନୁକୂଳ ପିଚ୍‌ରେ ରନ୍ ସଂଗ୍ରହ କରିବା ଏକ ବଡ଼ ଆହ୍ୱାନ ହେବ । ତଥାପି ବ୍ୟାଟିଂ ଦାୟିତ୍ୱ ଗିଲ୍, କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ ଓ ୱିକେଟକିପର ବ୍ୟାଟର ରିଷଭ ପନ୍ତଙ୍କ ଉପରେ ରହିବ । ଅଭିଜ୍ଞ ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବଙ୍କ ସହ ନୂଆମୁହଁ ମାନବ ସୁତାର, ସାରାଂଶ ଜୈନ, ଆକ୍ୱିବ ନବି ଓ ଗୁରନୁର ବ୍ରାରଙ୍କୁ ନେଇ ଭାରତୀୟ ସ୍ପିନ୍ ବାହିନୀ ଦୃଢ଼ ରହିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**